## ଅଗ୍ନିରୁ ଜାତ ଅଗ୍ନିରୂପା ତାଳଚେରର ଅଧିଷ୍ଠାତ୍ରୀ ଦେବୀ

# ଆଜିଠାରୁ ମା' ହିଙ୍ଗୁଳାଙ୍କ ଯାତ୍ରା ଆରମ୍ଭ

ଅନୁଗୋଳ, ୨୧।୪(ସମିସ): ଆବାହମାନ କାଳରୁ ହିନ୍ଦୁଧର୍ମରେ ଶକ୍ତି ଉପାସନାର ପ୍ରାଧାନ୍ୟ ସର୍ବତ୍ର ପରିଦୃଷ୍ଟ। ସେହି ଶକ୍ତିମୟୀ, କଲ୍ୟାଣମୟୀ, ଅସୁର ବିନାଶିନୀ, ତମୋନାଶିନୀ ବିଭିନ୍ନ ସ୍ଥାନରେ ବିଭିନ୍ନ ରୂପ ଓ ନାମରେ ପୂଜା ପାଇ ଆସୁଛନ୍ତି। ଆମ ରାଜ୍ୟରେ ଥିବା ୫୧ ଗୋଟି ଶକ୍ତିପୀଠରୁ ମା' ହିଙ୍ଗୁଳାଙ୍କ ପୀଠ



ଅନ୍ୟତମ। ତାଳଚେର ସହରର ପଶ୍ଚିମରେ ସିଙ୍ଗଡ଼ା ନଦୀ କୂଳରେ ଗୋପାଳପ୍ରସାଦ ଗ୍ରାମରେ ମା' ହିଙ୍ଗୁଳାଙ୍କ ପୀଠ କେଉଁ ଆବହମାନ କାଳରୁ ରହିଆସିଛି। ମା' ହିଙ୍ଗୁଳା ହେଉଛନ୍ତି ଅଗ୍ନିଗର୍ଭା ତଥା ଜ୍ୱାଳାମୁଖୀ। ଅଗ୍ନି ହିଁ ତାଙ୍କର ଆକାର। ଏବେ ଯେଉଁଠି ମା'ଙ୍କର ମନ୍ଦିର ରହିଛି, ସେଠାରେ ପୂର୍ବରୁ ଏକ କୋଚିଲା ବୃକ୍ଷ ଥିଲା। ସେହି ବୃକ୍ଷମୂଳେ ମା' ପୂଜା ପାଉଥିଲେ। ୧୮୭୨ ମସିହାରେ ତାଳଚେରର ତତ୍କାଳୀନ ରାଜା ରାମଚନ୍ଦ୍ର ବୀରବର ହରିଚନ୍ଦନ ଇଟା ଓ ଚୂନରେ ଏହି ମନ୍ଦିରଟିକୁ ନିର୍ମାଣ କରାଇଥିଲେ। ଏହା ଏବେ ଠାକୁରାଣୀ ମଣ୍ଡପ ରୂପେ ପରିଚିତ। ପରେ ମୁଖଶାଳା ଓ ଯଜ୍ଞମଣ୍ଡପ ତିଆରି ହୋଇଥିଲା। ମନ୍ଦିରଟି ଭଗ୍ନାବସ୍ଥାକୁ ଆସିଯାଇଥିବାରୁ ଏବେ ଏଠାରେ ମା'ଙ୍କର ଏକ ନୂତନ ଭବ୍ୟମନ୍ଦିର ନିର୍ମାଣ ହୋଇଛି। ମୂଳପୀଠରେ ପୂଜା ପାଆନ୍ତି ହିଙ୍ଗୁଳା କରଡ଼େଇ, କୁଟେଇଶୁଣୀ, ଚଣ୍ଡୀ, ଅନ୍ଧାରୀ ଆଦି ପଞ୍ଚ ଦେବୀ। ଦେବୀ ପୁରାଣରୁ ଜଣାଯାଏ ଯେ, ଯେତେବେଳେ ମହାଦେବଙ୍କ ଅପମାନ ସହ୍ୟ କରି ନ ପାରି ସତୀ ଦକ୍ଷ ଯଜ୍ଞରେ ଝାସଦେଲେ, ସେତିକିବେଳେ ପ୍ରଚଣ୍ଡ କୋପାନଳରେ ପ୍ରଜ୍ୱଳିତ ଶିବ ଉନ୍ମତ୍ତ ଅବସ୍ଥାରେ ଆସି ଦକ୍ଷ ପ୍ରଜାପତିଙ୍କ ମକ ଛେଦନ କରିବା ସହ ଯଜ୍ଞସ୍ଥଳକୁ ଧ୍ୱଂସ କରିଦେଲେ। ତଥାପି ତାଙ୍କର କ୍ରୋଧ ଶା ନ୍ତ ହେଲାନାହିଁ। ସେ ସତୀଙ୍କର ଅର୍ଦ୍ଧଦଗ୍ଧ ମରଶରୀରକୁ ସ୍କନ୍ଧରେ ବହନ କରି ସମଗ୍ର ବିଶ୍ୱ ପରିକ୍ରମା କରିବାକୁ ଲାଗିଲେ। ମହାଦେବଙ୍କ ଏଭଳି ଭୀଷଣ ରୂପ ଦେଖି ସମସ୍ତ ଦେବତା ମଣ୍ଡଳୀ ଅତ୍ୟନ୍ତ ଭୟଭୀତ ହୋଇପଡିଥଲେ। ସମସ୍ତ ଦେବଗଣ ଶେଷରେ ବିଷ୍ଣୁଙ୍କ ଶରାଣାପନ୍ନ ହେଲେ। ବିଷ୍ଣୁ ନିଜର ସୁଦର୍ଶନ ଚକ୍ର ଦ୍ୱାରା ସତୀଙ୍କ ଶରୀରକୁ ଖଣ୍ଡ ଖଣ୍ଡ କରି କାଟିଦେଲେ। ଯେଉଁ ସ୍ଥାନରେ ସତୀଙ୍କ ଶରୀରର ଖଣ୍ଡମାନ ପଡୁଥାଏ, ସେହି ସ୍ଥାନ ଗୋଟିଏ ଗୋଟିଏ ଶକ୍ତିପୀଠରେ ପରିଣତ ହେଉଥାଏ। ଏହିପରି ୫୨ଟି ସ୍ଥାନରେ ସତୀଙ୍କ ମରଶରୀର ପଡ଼ି ୫୨ଟି ଶକ୍ତିପୀଠ ହେଲା। ଦେବୀଙ୍କ ବ୍ରହ୍ମ ରନ୍ଧ୍ର ପଶ୍ଚିମଦେଶର କରାଚୀ ନିକଟରେ ଭୂପତିତ ହୋଇଥିଲା। ଏହି ବ୍ରହ୍ମରନ୍ଧ୍ର ହେଉଛି ଶକ୍ତିର ମୂଳପୀଠ। ସେହିଦିନଠାରୁ ମା' ହିଙ୍ଗୁଳା ସତୀଙ୍କ ବ୍ରହ୍ମରନ୍ଧ୍ରରୁ ଜନ୍ମନେଇ କରାଚୀରେ ପୂଜା ପାଇଆସୁଛନ୍ତି। କରାଚୀ ମା'ଙ୍କର ଆଦିପୀଠ ହୋଇଥିଲେ ହେଁ, ଦେବୀ ହିଙ୍ଗୁଳା ତାଳଚେରରେ ଆବିର୍ଭୂତା ସଂପର୍କରେ ଏକ ସୁନ୍ଦର କିମ୍ବଦନ୍ତୀ ରହିଛି। କିମ୍ବଦନ୍ତୀ ଅନୁଯାୟୀ, ଆସାମ ରାଜ୍ୟର କରାଚୀଠାରେ ନଳବଂଶୀୟ ରାଜା ଅପୁତ୍ରିକ ଦୋଷରୁ ମୁକ୍ତିପାଇବା ପାଇଁ ମା' ହିଙ୍ଗୁଳାଙ୍କୁ ପୂଜା କରୁଥିଲେ। ପୁରୀର ଗଜପତି ରାଣୀ ଗୁଣ୍ଡିଚା ଦେବୀ ଶ୍ରୀ ମନ୍ଦିରରେ ଷାଠିଏ ପଉଟି ଭୋଗର ପ୍ରଚଳନ ପାଇଁ ମନସ୍ଥ କରି ଶ୍ରୀଜଗନ୍ନାଥଙ୍କ ଅନୁମତି ଭିକ୍ଷାକଲେ। ରୋଷ କାର୍ଯ୍ୟ ସଂପନ୍ନ ନିମନ୍ତେ ରାଜା ଚିନ୍ତା କରିବାରୁ ତାଙ୍କୁ ହିଙ୍ଗୁଳାଙ୍କୁ ଆରାଧନା ନିମନ୍ତେ ସ୍ୱପ୍ନାଦେଶ ହେଲା। ସେ ସମୟରେ ଦେବୀ ବିଦର୍ଭରେ ନଳରାଜାଙ୍କ ଇଷ୍ଟଦେବୀ ରୂପେ ପୂଜା ପାଉଥାନ୍ତି। ଗଜପତି ରାଜା ସ୍ୱପ୍ନାଦେଶ ପାଇ ନଳ ରାଜ୍ୟକୁ ଯାଇ ତାଙ୍କର ଶରଣାପନ୍ନ ହେଲେ। ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ମାଆ ଶୂନ୍ୟବାଣୀରେ କହିଲେ ଯେ, ସେ ଯଥାଶୀଘ୍ର ନଳରାଜାଙ୍କ ସହ ଶ୍ରୀକ୍ଷେତ୍ରରେ ଯାଇ ପହଞ୍ଚିବେ। ନଳରାଜାଙ୍କ ଦ୍ୱାରା ମା'ଙ୍କୁ ଗଜପତି ଶ୍ରୀକ୍ଷେତ୍ର ଅଣାଇଲେ। ନଳରାଜାଙ୍କ ଉତ୍ତରୀରେ ଦେବୀ ହିଙ୍ଗୁଳା ଅଗ୍ନିରୂପରେ ବିରାଜମାନ କରିଆସୁଥାନ୍ତି। ଜଙ୍ଗଲ ରାସ୍ତା ଦେଇ ଆସୁଥିବା ବେଳେ ଗୋପାଳପ୍ରସାଦ ସିଙ୍ଗଡ଼ା ନଦୀ କୂଳରେ ପଥଶ୍ରାନ୍ତ ରାଜା ଏକ ବିରାଟ କୋଚିଲା ବୃକ୍ଷମୂଳେ ବିଶ୍ରାମ ନେବାବେଳେ ଉତ୍ତରୀରୁ ଦେବୀହିଙ୍ଗୁଳା ଅନ୍ତର୍ଦ୍ଧାନ ହୋଇଯାଇଥିଲେ। ଏହି ସମୟରେ ଶୂନ୍ୟବାଣୀ ହେଲା ଏ ସ୍ଥାନ (ମୋର) ଦେବୀ ହିଙ୍ଗୁଳାଙ୍କ ଆସ୍ଥାନ ରୂପେ ଗଣା ହେବ। ହିଙ୍ଗୁଳାଙ୍କ ଦୁଇସଖୀ କୁଟେଇଶୁଣୀ ଓ କରଡ଼େଇ ଏହି ସ୍ଥାନରେ ପୂଜା ପାଇବେ ଏବଂ ମା' ହିଙ୍ଗୁଳାଙ୍କ କର୍ମସ୍ଥଳୀ ହେବ ଶ୍ରୀକ୍ଷେତ୍ରର ରୋଷଶାଳା। ମା' ହିଙ୍ଗୁଳାଙ୍କ ମହିମା ଅପାର। ମା' ହିଙ୍ଗୁଳାଙ୍କୁ ସ୍ମରଣ କଲେ ସର୍ବସିଦ୍ଧି ହୋଇଥାଏ। ମା' ଅଗ୍ନିରୂପାଙ୍କ ବର୍ଣ୍ଣ ହିଙ୍ଗୁଳ ପରି ହୋଇଥିବାରୁ ତାଙ୍କର ନାମ ହିଙ୍ଗୁଳା ହୋଇଛି ବୋଲି କୁହଯାଏ। ଅଗ୍ନିରୂପା ଏହି ଦେବୀ ଓଡ଼ିଶାର ଅଗ୍ନିକୋଣରେ ଥିବା ତାଳଚେର ଗଡ଼ର ଅଗ୍ନିକୋଣରେ ଥିବା ଗୋପାଳପ୍ରସାଦ ଗ୍ରାମରେ ବିରାଜମାନ କରିଛନ୍ତି। ଏବେ ସେ ରାଜା ନାହାନ୍ତି କି ରାଜ ଶାସନ ନାହିଁ। ତାଙ୍କ ପ୍ରଚଳିତ ପୂଜା ଏବେ



ଯାତ୍ରା ଓ ଲୋକ ମହୋତ୍ସବର ରୂପ ନେଲାଣି। ଏହି ଯାତ୍ରା ଚଳିତ ମାର୍ଚ୍ଚ ମାସ ୨୨ ତାରିଖ ଠାରୁ ଆରମ୍ଭ ହୋଇ ୩୦ ତାରିଖ ପର୍ଯ୍ୟନ୍ତ ଅର୍ଥାତ୍ ୯ ଦିନ ଧରି ଚାଲିବ। ଏହି ଅବସରରେ ୨୦ ତମ ଲୋକ ମହୋତ୍ସବ ମଧ୍ୟ ଅନୁଷ୍ଠିତ ହେବ।

### କେମିତି ଆସିବେ, କ'ଣ ଦେଖିବେ

ତାଳଚେରର ମା' ହିଙ୍ଗୁଳା ପୀଠକୁ ଆସୁଥିବା ପର୍ଯ୍ୟଟକମାନେ ଏଠାରୁ ୩୫ କିମି ଦୂରତାରେ ସରାଙ୍ଗରେ ଥିବା ବ୍ରାହ୍ମଣୀ ନଦୀ ବାଲୁକାରେ ବିଷ୍ଣୁଙ୍କ ବିଶାଳକାୟ ଅନନ୍ତଶୟନ ମୂର୍ତ୍ତି, ଏଠାରୁ ୧୦ କିମି ଦୂରତାରେ ଥିବା ଏନଟିପିସି ପ୍ଲାଣ୍ଟ ମଧ୍ୟରେ ଥିବା ବିଷ୍ଣୁ ଅନନ୍ତଶୟନ ମୂର୍ତ୍ତି ଦେଖି ପାରିବେ। ଏହାବାଦ୍ ଏହି ପୀଠରୁ ୧୫ କିମି ପରିଧି ମଧ୍ୟରେ ତାଳଚେର କୋଇଲା ଖଣି, ସମଲ ବ୍ୟାରେଜ, ରେଙ୍ଗାଲି ଡ୍ୟାମ୍ ଆଦି ଦେଖିପାରିବେ। ଏଠାରୁ ୮୦ କିମି. ଦୂରତାରେ ଢେଙ୍କାନାଳର କପିଳାସ ଶୈବପୀଠ, ସପ୍ତଶଯ୍ୟା, ଟିକରପଡ଼ା ଯାଇ ଘଡ଼ିଆଳ କୁମ୍ଭୀର ଦେଖିବା ସହ ମହାନଦୀ ଗଣ୍ଡରେ ବୋଟିଂର ମଜା ନେଇପାରିବେ। ହିଙ୍ଗୁଳା ପୀଠକୁ ଯିବା ପାଇଁ ଭୁବନେଶ୍ୱରରୁ ଟ୍ରେନ୍ ଯୋଗେ ଆସୁଥିଲେ ତାଳଚେର ରୋଡ୍ କିମ୍ବା ଅନୁଗୋଳ ଟାଉନ୍ ଷ୍ଟେସନରେ ଓହ୍ଲାଇ ସେଠାରୁ ଅଟୋ କିମ୍ବା ଟ୍ୟାକ୍ସି କିମ୍ବା ବସ୍ ସାହାଯ୍ୟରେ ହିଙ୍ଗୁଳା ପୀଠରେ ପହଞ୍ଚି ପାରିବେ। ବସରେ ଆସୁଥିଲେ ତାଳଚେର କିମ୍ବା ଅନୁଗୋଳ ବସ୍ ଷ୍ଟାଣ୍ଡରେ ଓହ୍ଲାଇ ଟ୍ୟାକ୍ସି, ଅଟୋ କିମ୍ବା ବସରେ ଏହି ସ୍ଥାନକୁ ଯାଇପାରିବେ।

### ହିଙ୍ଗୁଳା ତତ୍ତ୍ୱରେ ନାହିଁ ଜାତି, ଧର୍ମର ବାରଣ

ହିଙ୍ଗୁଳା ତତ୍ତ୍ୱରେ ଶ୍ରୀ ଜଗନ୍ନାଥ- ହିଙ୍ଗୁଳା ତତ୍ତ୍ୱ ହେଉଛି ମୂଳତଃ ଜଗନ୍ନାଥ ତତ୍ତ୍ୱଭିତ୍ତିକ। ଜଗନ୍ନାଥ ଧର୍ମରେ ଯେଉଁଭଳି ଜାତି ଧର୍ମର ବିଚାର ନାହିଁ, ସେହିଭଳି ହିଙ୍ଗୁଳା ପୀଠରେ ଜାତି, ବର୍ଣ୍ଣ, ଧର୍ମ ଓ ସଂପ୍ରଦାୟର ବାରଣ ନାହିଁ। ବ୍ରାହ୍ମଣ ହାତରୁ ଚଣ୍ଡାଳ ଏଠାରେ ନିର୍ବିକାରେ ପ୍ରସାଦ ଗ୍ରହଣ କରିଥାଏ। ହିଙ୍ଗୁଳା ଯାତ୍ରା ମା'ଙ୍କ ମୁଖ୍ୟ ପର୍ବ। ଚୈତ୍ରମାସରେ ନିର୍ଦ୍ଦିଷ୍ଟ ଦିନରେ ଯନ୍ତାଳ ପୂଜା, ଅର୍ଦ୍ଧରାତ୍ରରେ ଠାକୁରାଣୀ ଉଭା, ଚୈତ୍ରମାସ ଶୁକ୍ଳପକ୍ଷ ବିଷ୍ଣୁଦମନକ ଚତୁର୍ଦ୍ଦଶୀ ହିଙ୍ଗୁଳା ଯାତ୍ରା, ବୈଶାଖ ମାସ ଶୁକ୍ଳପକ୍ଷ ସପ୍ତମୀ ଶୀତଳ ଯାତ୍ରା ବା ଶୀତୁଳା, ଶୀତୁଳା ଯାତ୍ରାର ଆଠଦିନ ପରେ ଆଠୁଆରୀ, ଆଠୁଆରୀର ବାସିଦିନ କରଡ଼େଇ ମହାପାଟଙ୍କ ପୂଜା, ଭାଦ୍ରବ ମାସରେ ନୂଆଖାଇ, ସପ୍ତପୁରୀ ଅମାବାସ୍ୟା, କାର୍ତ୍ତିକ ମାସରେ ଶ୍ୟାମାକାଳୀ ପୂଜା, କାର୍ତ୍ତିକ ମାସ ଶୁକ୍ଳପକ୍ଷ ଦଶମୀରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ବିଶ୍ୱଶାନ୍ତି ମହାଯଜ୍ଞ, ଫାଲଗୁନ ଶୁକ୍ଳ ଚତୁର୍ଦ୍ଦଶୀ ଆଦି ଉତ୍ସବ ମା'ଙ୍କ ପୀଠରେ ମହା ଆଡ଼ମ୍ବରରେ ପାଳନ କରାଯାଏ। ଅଗ୍ନି ଉତ୍ସବ, ଦୁର୍ଗାମାଧବ ଭେଟ ସହିତ ପ୍ରତି ପୂର୍ଣ୍ଣମୀରେ ମା'ଙ୍କର ସ୍ୱତନ୍ତ୍ର ପୂଜା ହୋଇଥାଏ।



## ବିଜେଡିର ମିଶ୍ରଣ ପର୍ବ

କିଶୋରନଗର, , ୨୧।୪(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ତୁରୁଡ଼ା ଗ୍ରାମରେ ରବିବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ନଳିନୀକାନ୍ତ ପ୍ରଧାନ ଯୋଗ ଦେଇଥିଲେ। ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କିଶୋରନଗର ଅଞ୍ଚଳର ମୋହନ ସାହୁ, ଲିଙ୍ଗରାଜ ବେହେରା, ବିନୋଦ ପ୍ରଧାନ, କୃପାସିନ୍ଧୁ ପ୍ରଧାନ, ସ୍ୱାଧୀନ ବେହେରା, ସୁମନ୍ତ ସାହୁ ବିଜେଡିରେ ଯୋଗ ଦେଇଛନ୍ତି। ତାଙ୍କୁ ନଳିନୀକାନ୍ତ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିବା ସହ ଦଳ କିଭଳି ସଫଳତା ହାସଲ କରିବ, ସେ ନେଇ ଅଧିକ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା ଅଜିତ ପ୍ରଧାନ ଉପସ୍ଥିତ ଥିଲେ।



## ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

କିଶୋରନଗର, ୨୧।୪(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ନାକିଚି ଠାରେ ରବିବାର ବିଜେଡିର କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଆଠମଲ୍ଲିକ ବିଜେଡ଼ିଡି ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ ଯୋଗଦେଇ ଫିତା କାଟି ଉଦଘାଟନ କରିବା ସହ ଦଳ ପାଇଁ ସମସ୍ତେ ଏକଜୁଟ ହୋଇ କାମକରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ବିଜେଡି ନେତ୍ରୀ ରଂଜିତା ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟା ଅନୁପମା ସାହୁ, ସରପଞ୍ଚ ମନୋଜ ବାଘ, ଜିତେନ୍ଦ୍ର ସାହୁ, ଅମିତ ସାହୁ, ବିଜେଡି ପର୍ଯ୍ୟବେକ୍ଷକ ରଞ୍ଜନ ସାହୁ, ବିଜେଡି ନେତା ନାରାୟଣ ମାଝୀ, ଚକ୍ରଧର ପ୍ରଧାନ, ପୀତାମ୍ବର ବେହେରା, ଚିତ୍ତରଞ୍ଜନ ବେହେରା, ଦିଗାମ୍ବର ବେହେରା, ବ୍ଲକ ବିଜେଡି ସଭାପତି କୁମୁଦ ଚନ୍ଦ୍ର ପ୍ରଧାନ, ରଜତ ସାହୁ, ନାରାୟଣ ମାଝିଙ୍କ ସମେତ ବହୁ ବିଜେଡି ନେତା ଯୋଗ ଦେଇଥିଲେ।



### ବିଜୁ ଜନତା ଦଳର ସାଂଗଠନିକ ସଭା ଓ ମିଶ୍ରଣ ପର୍ବ

## ବିଜେପି ଓ କଂଗ୍ରେସର ବହୁ କାର୍ଯ୍ୟକର୍ତ୍ତା ବିଜେଡିରେ ସାମିଲ

ପବିତ୍ରନଗର, ୨୧।୪(ସମିସ): କଣିହାଁ ବ୍ଲକ ଅନ୍ତର୍ଗତ କର୍ଣ୍ଣପାଳ ଗ୍ରାମପଞ୍ଚାୟତ ବିଜୁ ଜନତା ଦଳର ସାଙ୍ଗଠନିକ ବୈଠକ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଲଲହଡ଼ା ଯୁବ ବିଧାୟକ ମୁକେଶ କୁମାର ପାଲ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ବ୍ଲକ ବିଜେଡି ସଭାପତି ଗଙ୍ଗାଧର ଜିତ, ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସୁବାସ ମହାନ୍ତି, ପାଲଲହଡ଼ା ବ୍ଲକ ଯୁବ ସଭାପତି ପ୍ରଶାନ୍ତ ସାମଲ, କଣିହାଁ ବ୍ଲକ ଯୁବ ସଭାପତି ଗଗନ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ସାଧାରଣ ନିର୍ବାଚନରେ କିଭଳି ଭାବେ କର୍ଣ୍ଣପାଳ ପଞ୍ଚାୟତ ବିଜେଡି ତରଫରୁ ସଂସଦ ପ୍ରାର୍ଥୀ ଅବିନାଶ ସାମଲ ଓ ପାଲଲହଡ଼ା ବିଧାୟକ ପ୍ରାର୍ଥୀ ମୁକେଶ କୁମାର ପାଲଙ୍କୁ ଶଙ୍ଖ ଚିହ୍ନରେ



ବିପୁଳ ମାତ୍ରାରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ସମସ୍ତ ସକ୍ରିୟ ସଦସ୍ୟ ଓ ବରିଷ୍ଠ ବିଜେଡି କାର୍ଯ୍ୟକର୍ତ୍ତାଙ୍କୁ ନିବେଦନ କରିଥିଲେ। ମିଶ୍ରଣ ପର୍ବରେ ବିଜେପି ଓ କଂଗ୍ରେସର ବହୁ କାର୍ଯ୍ୟକର୍ତ୍ତା ବିଜେଡିରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସଭାପତି ରବିଚନ୍ଦ୍ର ରାଉତ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ଗୋକୁଳ ପ୍ରଧାନ, ହିଲ୍ଲଳ କୁମାର ଜେନା, ନିତ୍ୟାନନ୍ଦ ମହାନ୍ତି, ଜଳଧର ସାମଲ, ଅଜିତ ସାମଲ, ଶିବରାମ ପ୍ରଧାନ, ଦୁର୍ଯ୍ୟୋଧନ ସାମଲ, ଟୁକୁ ପ୍ରଧାନ, ପ୍ରମୋଦ ମହାନ୍ତି, ସୁଶାନ୍ତ ବେହେରା, ବୋରଦାକାନ୍ତ ଶତପଥୀ, ସନ୍ତୋଷ ସିଂ, ପ୍ରକାଶ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ୮୪ ୟୁନିଟ୍ ରକ୍ତ ସଂଗୃହୀତ

ଅନୁଗୋଳ, ୨୧।୪(ସମିସ): ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଅପାର କରୁଣାରୁ ଅନୁଗୋଳ ସାପ୍ତାହିକ ହାଟ ନିକଟସ୍ଥ ସାଇ ବିହାର ଠାରେ ଶ୍ରୀ ସତ୍ୟ ସାଇ ସେବା ସମିତି, ଅନୁଗୋଳ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ରକ୍ତଭଣ୍ଡାର ଅନୁଗୋଳ ଜିଲ୍ଲା ବ୍ୟତୀତ ଦେବଗଡ଼, ନରସିଂହପୁର, ବୌଦ୍ଧ, ଢେଙ୍କାନାଳ ଓ ସମ୍ବଲପୁରର ଲୋକମାନେ ମଧ୍ୟ ନିର୍ଭରଶୀଳ। ଅନୁଗୋଳରେ ରକ୍ତଶିକୁଳି ଓ ଥାଲେସିମିଆ ରୋଗରେ ବହୁତ ରୋଗୀ ପୀଡ଼ିତ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ରକ୍ତ ଭଣ୍ଡାରରେ ରକ୍ତର ଅଭାବ ରହିଛି। ଏଣୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରକ୍ତର ଅଭାବ ଦୂରକରିବା ପାଇଁ ଶ୍ରୀ ସତ୍ୟସାଇ ସେବା ସମିତି, ଅନୁଗୋଳର ସେବାଦଳ ଭାଇ ଭଉଣୀମାନଙ୍କ ସହଯୋଗରେ ଏହି ଗ୍ରୀଷ୍ମକାଳୀନ ରକ୍ତଦାନ ଶିବିର (ଅମୃତ ବିନ୍ଦୁ) ଆୟୋଜିତ ହୋଇଥିଲା। ଏହି ଶିବିରରେ ମୋଟ ୮୪ ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ଅନୁଗୋଳ ରକ୍ତଭଣ୍ଡାରର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଡ଼ ସତ୍ୟବ୍ରତ ପାଟଯୋଷୀ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରକ୍ତଦାତାଙ୍କୁ ବିଭିନ୍ନ ଉପହାର ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା। ତତ ସହିତ ହାଟରେ ପଣା ବଣ୍ଟନ କରାଯାଇଛି। ସତ୍ୟ ସାଇ ସେବା ସଂଗଠନ, ଅନୁଗୋଳ ଜିଲ୍ଲାର ଜିଲ୍ଲା ସଭାପତି ଦୁର୍ଗା ପ୍ରସନ୍ନ ରଥ ଓ ଅନୁଗୋଳ ସମିତିର ଆବାହକ ବିଜୟ କୁମାର ପାଣିଗ୍ରାହୀ ତଥା ଅନେକ ସେବାଦଳ ଭାଇ ଭଉଣୀ ଉପସ୍ଥିତ ରହି ସହାୟତା ପ୍ରଦାନ କରିବା ସହିତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।



## ମଦ ଜବତ, ଜଣେ ଗିରଫ

ବଣ୍ଡା, ୨୧।୪(ସମିସ): ହଣ୍ଡପା ପୁଲିସ ଧଉରାଗୋଠ ଗ୍ରାମରେ ଚଢ଼ଉ କରି ରେବତୀ ପ୍ରଧାନଙ୍କ ଘରୁ ୧୧ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ଏଥିସହ ତାଙ୍କୁ ଗିରଫ କରାଯାଇଛି। ସେ ବେଆଇନ ଭାବରେ ଘରେ ଚୋରାରେ ମଦ ବିକ୍ରି କରୁଥିବା ଖବର ପାଇଁ ହଣ୍ଡପା ପୁଲିସ ଚଢ଼ଉ କରିଥିଲା। ଏ ନେଇ ନମ୍ବର ୧୬୩/୨୪ ରେ ଏକ ମାମଲା ରୁଜୁ କରାଯାଇଛି।

## ଜାତୀୟ ମାର୍ଶାଲ ଆର୍ଟ ଖେଳାଳିଙ୍କୁ ମାନପତ୍ର ପ୍ରଦାନ



ଅନୁଗୋଳ, ୨୧।୪(ସମିସ): ଅନୁଗୋଳ ସ୍କଏ ମାର୍ଶାଲ ଆର୍ଟ ସଂଘ ଦ୍ୱାରା ମା' ବାସନ୍ତି ଦୁର୍ଗା ଖେଳ ପଡ଼ିଆରେ ଜାତୀୟ ଖେଳାଳିଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ଦିବସରେ ଅନୁଗୋଳ ଜିଲ୍ଲାର ପୂର୍ବତନ ନଗରପାଳ ତଥା ପୂର୍ବତନ ତାମଡ଼ା ଅଧ୍ୟକ୍ଷ ଓ ଟାଇକୁଣ୍ଡୁ ସଂଘର ଉପସଭାପତି ଶକ୍ତି ପ୍ରସାଦ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ସମ୍ମାନୀୟ ଅତିଥି ଭାବରେ ସ୍କଏ ମାର୍ଶାଲ ଆର୍ଟ ସଂଘ ସଂପାଦକ ଡ. ଏସକେ ସଲାଉଦ୍ଦିନ୍ , ଉପଦେଷ୍ଟା ଆଇନଜୀବୀ ପ୍ରଦୀପ କୁମାର ଦେବତା, ଉପଦେଷ୍ଟା ଆଇନଜୀବୀ ସଞ୍ଜୟ କୁମାର ମହାପାତ୍ର, ଓଡ଼ିଶା ଆମେଚର୍ ଟାଇକୁଣ୍ଡୁ ସଂଘ ସଂପାଦକ ଅନିଲ କୁମାର ରାଉଳ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ରାଜ୍ୟ ସମ୍ପାଦକ ଖେଳାଳିଙ୍କର ଭବିଷ୍ୟତ କିପରି ଭାବରେ ଉଜ୍ଜ୍ୱଳ ହେବ ଓ ଚାକିରି କ୍ଷେତ୍ରରେ କିପରି ସହଯୋଗ ମିଳିବ ସେନେଇ ଆଲୋଚନା କରିଥିଲେ। ବିଗତ ବର୍ଷରେ ଅନୁଗୋଳ ବାଳକ ବିଭାଗର ୧ ଜଣ ଓ ବାଳିକା ବିଭାଗର ୨ ଜଣଙ୍କୁ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମ ଜିଲ୍ଲା ସମ୍ପାଦକ ଦୁଷ୍ୟନ୍ତ କୁମାର ନାଥଙ୍କ ତତ୍ତ୍ୱାବଧାନରେ ହୋଇଥିଲା ଓ ଉକ୍ତ କାର୍ଯ୍ୟକ୍ରମକୁ ଖେଳାଳି ମୁକେଶ କୁମାର ସହ ଯୋଗ କରିଥିଲେ। ରାଜ୍ୟ ସମ୍ପାଦକ ଶ୍ରୀ ନାଥଙ୍କୁ ଶ୍ରେଷ୍ଠ ଜାତୀୟ ବିଚାରକ ଭାବରେ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରି ଅନୁଗୋଳ ଜିଲ୍ଲାର ଗୌରବ ବଢାଇଛନ୍ତି ବୋଲି କହିଥିଲେ।

### ତାଳଚେର ନିର୍ବାଚନ ମଣ୍ଡଳୀ

# ବିସ୍ଥାପନ, ପ୍ରଦୂଷଣ ଓ ବେକାରୀ ସମସ୍ୟା ମୁଖ୍ୟ ପ୍ରସଙ୍ଗ

ତାଳଚେରସଦର, ୨୧।୪(ସମିସ): ରାଜନୈତିକ ଉଚ୍ଛାଶକ୍ତି ଅଭାବରୁ ତାଳଚେର ନିର୍ବାଚନ ମଣ୍ଡଳୀ ସବୁ କ୍ଷେତ୍ରରେ ଅବହେଳିତ। ରାଷ୍ଟ୍ରୀୟ ଉଦ୍ୟୋଗ ଏନଟିପିସି, ଟିଟିପିଏସ ଥର୍ମାଲ୍, ଏମସିଏଲ୍ ଓ କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ବିଭିନ୍ନ ବିଭାଗ ତାଳଚେର ନିର୍ବାଚନ ମଣ୍ଡଳୀବାସୀଙ୍କ ନ୍ୟାଯ୍ୟ ଦାବିଗୁଡ଼ିକ ପ୍ରତି ଧ୍ୟାନ ଦେଉ ନଥିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଅଞ୍ଚଳରେ ମୁଖ୍ୟ ସମସ୍ୟା ବିସ୍ଥାପନ, ପ୍ରଦୂଷଣ, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଗମନାଗମନ ଓ ବେକାରୀ ସମସ୍ୟା। ଏହିସବୁ ସମସ୍ୟା ଚଳିତ ନିର୍ବାଚନରେ ମୁଖ୍ୟ ପ୍ରସଙ୍ଗ ହେବାକୁ ଯାଉଛି। ସମସ୍ୟାର ସମାଧାନ ଦିଗରେ କେନ୍ଦ୍ର ସରକାର ଆନ୍ତରିକତା ଦେଖାଇ ନଥିବାରୁ ଚଳିତ ନିର୍ବାଚନରେ ଏହାର ପ୍ରତିଫଳନ ଦେଖିବାକୁ ମିଳିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଶିଳ୍ପ ଓ ଖଣି ଖାଦାନ ଯୋଗୁ ଅଞ୍ଚଳବାସୀଙ୍କ ମୂଳ ପେସା ଚାଷ ସମ୍ପୂର୍ଣ୍ଣ ବିଗିଡ଼ି ଯାଇଛି। ଚାରିଆଡ଼େ କୃତ୍ରିମ ପାହାଡ଼ ଖାଇଖମା ଏବଂ ପୋଖରୀ। ଏଠାରୁ



କେନ୍ଦ୍ର ସରକାର ରାଜସ୍ୱ ଆକାରରେ ସିଂହ ଭାଗ ନେଉଥିବା ସତ୍ତ୍ୱେ ଜନସାଧାରଣଙ୍କ ସମସ୍ୟାର ସମାଧାନ ହୋଇପାରୁନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ତାଳଚେର ଅଞ୍ଚଳରେ ସହରରୁ ଗ୍ରାମାଞ୍ଚଳ ଯାଏ ବେକାରୀ ସମସ୍ୟା ଏବେ ଉତ୍କଟ ହୋଇପଡିଛି। ତାଳଚେର ମେଡିକାଲ କଲେଜ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ବି ଏହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଯଦି କେନ୍ଦ୍ର ସରକାର ଚାହିଁଥାନ୍ତେ ତାହାହେଲେ ଏହାକୁ ଏମସିଏଲ ଚଲାଇ ପାରିଥାନ୍ତା। ଆଜି ରାଷ୍ଟ୍ରୀୟ ଉଦ୍ୟୋଗ ପାଇଁ ଗମନାଗମନ ବ୍ୟବସ୍ଥା ଏଠାରେ ସମ୍ପୂର୍ଣ୍ଣ ଅବ୍ୟବସ୍ଥିତ। କୋଇଲା ଖଣି ପାଇଁ ପଞ୍ଚାୟତକୁ ଯିବାକୁ ଥିବା ପୂର୍ବ ରାସ୍ତାଗୁଡ଼ିକ ମାନଚିତ୍ରରୁ ଯେମିତି ଲିଭିଯାଇଛି। ସର୍ବସାଧାରଣ ରାସ୍ତାରେ ଶିଳ୍ପସଂସ୍ଥା ଓ କମ୍ପାନୀର ଭାରୀଯାନଗୁଡ଼ିକ ଚଳାଚଳ କରିବାରୁ ବିଭିନ୍ନ ସମୟରେ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହୋଇ ପ୍ରାଣ ହରାଉଛନ୍ତି। ତାଳଚେର ପୁରାତନ ଷ୍ଟେସନକୁ ଆଜି ପର୍ଯ୍ୟନ୍ତ ଆଦର୍ଶ ଷ୍ଟେସନରେ ରୂପାନ୍ତରଣ କରାଗଲା ନାହିଁ। ସବୁ ଯାତ୍ରାବାହୀ ଟ୍ରେନ୍ ତାଳଚେର ଷ୍ଟେସନକୁ ଆସିପାରିଲା ନାହିଁ। ଜିଲ୍ଲା ଖଣିଜ ପାଣ୍ଠିକୁ ତାଳଚେର ଅଞ୍ଚଳରୁ ଯାଉଥିବା ଶହ ଶହ କୋଟି ଟଙ୍କା ପଡ଼ିରହିଥିଲେ ମଧ୍ୟ ଏ ଅଞ୍ଚଳର ବିକାଶ ଦିଗରେ କୌଣସି ଆଖିଦୃଶିଆ କାର୍ଯ୍ୟ ହୋଇପାରିନାହିଁ। ଜମିହରା ପ୍ରଜାମାନେ ନିଜର ଭିଟାମାଟି ହରାଇ ସର୍ବଶାନ୍ତ ହୋଇପଡ଼ିଥିଲା ବେଳେ ଶହ ଶହ ସଂଖ୍ୟାରେ ଯୁବକ ଯୁବତୀ ବେକାର ହୋଇ ଘରେ ବସି ରହିଛନ୍ତି। ଖଣି ଓ ବିଭିନ୍ନ ଶିଳ୍ପସଂସ୍ଥାରେ ଠିକା ଶ୍ରମିକଙ୍କ ଅବସ୍ଥା ନ କହିବା ଭଲ। ସେମାନଙ୍କ ପାଇଁ କେନ୍ଦ୍ରର ରାଜନେତାମାନେ କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଏଠାରେ ବାୟୁ, ଜଳ ଏବଂ ଶବ୍ଦ ପ୍ରଦୂଷଣ ଦିନକୁ ଦିନ ଉଗ୍ରରୂପ ଧାରଣ କଲାଣି। ଏସବୁ ସମସ୍ୟାରେ ଜର୍ଜରିତ ନିର୍ବାଚନ ମଣ୍ଡଳୀବାସୀ ଏଥର ପ୍ରାର୍ଥୀ ପରଖି ଭୋଟ ଦେବାକୁ ସ୍ଥିର କରିଥିବା ଜଣାପଡିଛି।

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ : ୧୭/୧୦/୧୯୫୩
ତିରୋଧାନ : ୧୨/୦୪/୨୦୨୪

ସ୍ୱ ଆରତୀ ମଲ୍ଲିକ
ପିଠାପୁର, ଅନ୍ନପୂର୍ଣ୍ଣା ଲେନ୍, କଟକ

ସେ ଜଣେ ନିର୍ଭିକ ଆତ୍ମା, ଯିଏ ନିଜ ସର୍ତ୍ତରେ ଜୀବନକୁ ବିତାଇଥିଲେ। ନିଜମନକଥା କହିବା ସହ ଚ୍ୟାଲେଞ୍ଜକୁ ଗ୍ରହଣ କରିଥିଲେ। ତାଙ୍କ ଶକ୍ତି ଓ ଧୈର୍ଯ୍ୟର କୌଣସି ସୀମା ନ ଥିଲା ଏବଂ ସେ ଦୃଢ଼ତାର ସହିତ କର୍କଟ ରୋଗକୁ ସାମ୍ନା କରିବା ସହିତ ନିଃସ୍ୱାର୍ଥପର ଭାବରେ ଆବଶ୍ୟକଥିବା ଲୋକଙ୍କୁ ସାହାଯ୍ୟ କରୁଥିଲେ। ଯଦିଓ ସେ ଆଉ ଆମ ଗହଣରେ ନାହାନ୍ତି, ହେଲେ ତାଙ୍କ ଆତ୍ମା ଲୋକଙ୍କ ହୃଦୟରେ ସବୁଦିନ ପାଇଁ ଉଜ୍ଜ୍ୱଳ ହୋଇ ରହିବ। ପ୍ରିୟ ମା' ଆରତୀ ମଲ୍ଲିକ, ତୁମର ନିଃସ୍ୱାର୍ଥ ଭଲପାଇବା ଏବଂ ସାହାସର ଏହି ଉଦାହରଣ ଚିରକାଳ ପର୍ଯ୍ୟନ୍ତ ଅମର ରହୁ। ଭଗବାନ ତୁମ ଅମର ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ।

ଯୋଗାଯୋଗ : ୯୮୬୧୦୪୦୦୨୪
ଶୋକସନ୍ତପ୍ତ : ମଲ୍ଲିକ ପରିବାର ବର୍ଗ ଓ ଆତ୍ମୀୟସ୍ୱଜନ

## ପୋଡ଼ାମରାଇ-ଆଳକଣାରେ ବାସନ୍ତୀ ଦୁର୍ଗାପୂଜା



**ଆଳି,୨୧।୪(ସମିସ):** ଆଳି ବ୍ଲକ ମେଣ୍ଟପୁର ପଞ୍ଚାୟତ ପୋଡ଼ାମରାଇ- ଆଳକଣା ଗ୍ରାମରେ ମା' ବାସନ୍ତୀ ଦୁର୍ଗାପୂଜା ପାଳିତ ହୋଇ ଯାଇଛି । ପାଞ୍ଚ ଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମ ଦିନ ଷଷ୍ଠୀ ପୂଜାରେ ବିଲ୍ୱବରଣ ଓ ନବ ପତ୍ରିକା ଅଧିବାସ, ଦ୍ୱିତୀୟ ଦିନ ସପ୍ତମୀ ପୂଜାରେ ଜଳ ଯାତ୍ରା, ଅଗ୍ନି ସ୍ଥାପନ, ଚକ୍ଷୁଦାନ, ପ୍ରାଣ ପ୍ରତିଷ୍ଠା, ଦେବତା ଆବାହନ, ଚଣ୍ଡୀପାଠ ଓ ବଳିଦାନ, ତୃତୀୟ ଦିନରେ ମହାଷ୍ଟମୀ ପୂଜା, ଚତୁର୍ଥ ଦିନରେ ନବମୀ ପୂଜା ଓ ଶେଷ ଦିନରେ ଦଶହରା ପାଳିତ ହୋଇ ମା'ଙ୍କୁ ମେଲାଣି ଦିଆଯାଇଥିଲା । ଦୁଇ ଗ୍ରାମବାସୀଙ୍କ ଦ୍ୱାରା ଗୁଣ୍ଡିପୋଖରୀ ପଡିଆରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରତିଦିନ ଶହ ଶହ ଶ୍ରଦ୍ଧାଳୁ ଯୋଗ ଦେଇ ମା' ଦୁର୍ଗାଙ୍କର ପୂଜା କରିଥିଲେ । ବାସନ୍ତୀ ଦୂର୍ଗା ପୂଜା କମିଟି ସଭାପତି ଅଜିତ ମହାନ୍ତି, ସମ୍ପାଦକ ଶିଶିର ମହାନ୍ତି, ସୁବ୍ରତ ମହାନ୍ତି, ସୁକାନ୍ତ ମହାନ୍ତି, ପ୍ରଶାନ୍ତ ମହାନ୍ତି, ଶିବ ପ୍ରସାଦ ମହାନ୍ତି, ଧୂଳେଶ୍ୱର ମହାନ୍ତି, ପଙ୍କଜ ମହାନ୍ତି ଓ ରୀନା ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଭୟ ଗ୍ରାମବାସୀ ଏହି ପୂଜାର ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଦୀର୍ଘ ୫୦ ବର୍ଷ ତଳେ ଆୟୋଜିତ ହେଉଥିବା ଏହି ପୂଜାର ଇତିହାସକୁ ପୁନର୍ଜୀବିତ କରିବା ପାଇଁ ଏହି ପୂଜା ଚଳିତ ବର୍ଷ ଠାରୁ ଆରମ୍ଭ କରା ଯାଇଛି ବୋଲି ସଭାପତି ଅଜିତ ମହାନ୍ତି ସୂଚନା ଦେଇଛନ୍ତି ।

## ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ



**ରାଜକନିକା,୨୧।୪(ସମିସ):** ସାମାଜିକ ସ୍ତରରେ ନିଜର ଅଭିଜ୍ଞତାକୁ ପାଥେୟ କରି ଏକ ସୁସ୍ଥ ଓ ଚେତନାଧର୍ମୀ ଜାଗରଣ ଆଣିବାକୁ ପ୍ରୟାସ ରଖିଥିବା ରାଜକନିକା ବରିଷ୍ଠ ନାଗରିକ ମଞ୍ଚର ଆଜି ଷଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମଞ୍ଚର ସଭାପତି ବିଶ୍ୱନାଥ ବଳଙ୍କ ଅନୁପସ୍ଥିତିରେ ଉପ ସଭାପତି ବେଣୁଧର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଜିର ବୈଠକରେ ସାଧାରଣ ସମ୍ପାଦକ ଗୁଣନିଧି ବଳ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । କୋଷାଧ୍ୟକ୍ଷ ସୁରେଶ ମିଶ୍ର ବାର୍ଷିକ ଆୟବ୍ୟୟର ବିବରଣୀ ପ୍ରଦାନ କରିବା ପରେ ସଦସ୍ୟମାନେ ବରିଷ୍ଠ ନାଗରିକମାନଙ୍କ ବିବିଧ ସମସ୍ୟା ନେଇ ଆଲୋଚନା କରି ସଚେତନତା କରାଇଥିଲେ । ରାଜକନିକା ସଦରରେ ଏକ ବରିଷ୍ଠ ନାଗରିକ ସଦନ ନିର୍ମାଣ ସହ ଏକ ଅଡ଼ିଟୋରିୟମ ପ୍ରତିଷ୍ଠା ପାଇଁ ସ୍ଥାନୀୟ ପ୍ରଶାସନ ଅସହଯୋଗ କରୁଥିବାରୁ ଉଦବେଗ ପ୍ରକାଶ କରାଯାଇଥିଲା । କାଳିକାପୁରର ମା' କାଳିକେୟୀ ପୀଠରେ ଅନୁଷ୍ଠିତ ଆଜିର ବୈଠକରେ ସର୍ବଶ୍ରୀ କାଳିପ୍ରସାଦ ନାୟକ, ଦର୍ପନାରାୟଣ ରାଉତ, ଦାମୋଦର ଧଳ, ସୁରେଶ ବଳ, ତ୍ରିଲୋଚନ ପାଣି, କେଶବ ବିଶ୍ୱାଳ, ସୁକାନ୍ତ ପାତ୍ର, ରାଜେନ୍ଦ୍ର ପାଣି ପ୍ରମୁଖ ବିବିଧ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ।

## ରକ୍ତଦାନ ଶିବିର; ୨୧ ୟୁନିଟ୍ ସଂଗୃହୀତ

**ମହାକାଳପଡ଼ା,୨୧।୪(ସମିସ):** ମହାକାଳପଡ଼ା ବ୍ଲକ ଯଦୁପୁରସ୍ଥିତ ଶ୍ରୀ ସତ୍ୟସାଇ ବିଦ୍ୟା ବିହାର ଠାରେ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ସତ୍ୟସାଇ ସେବା ସଂଗଠନ ପକ୍ଷରୁ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ରକ୍ତଦାନ ଶିବିର 'ଅମୃତ ବିନ୍ଦୁ' କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ଶିବିରରେ କଟକ ସେଣ୍ଟ୍ରାଲ ରେଡ଼କ୍ରସ କେନ୍ଦ୍ରର କେ. ସତ୍ୟ ସ୍ୱରୂପ ରୟଙ୍କ ସମେତ ଏକ ସ୍ୱତନ୍ତ୍ର ୭ ଜଣିଆ ମେଡିକାଲ୍ ଟିମ୍ ୨୧ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ଇନ୍ଦ୍ରମଣି ନାୟକ ଏବଂ ଯଦୁପୁର ସାଇ ସଂଗଠନର କର୍ମକର୍ତ୍ତା ପରିଚାଳନା କରିଥିଲେ ।

### କଟକ-ଚାନ୍ଦବାଲି ରାସ୍ତାରେ ଟ୍ରାଫିକ୍ ସମସ୍ୟା

# ଭାରୀଯାନ ଯୋଗୁ ଫସୁଛି ଆମ୍ବୁଲାନ୍ସ

**ଡେରାବିଶ,୨୧।୪(ସମିସ)**

ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ସ୍ଥିତ ଚାନ୍ଦୋଳ ସପ୍ତାହିକ ହାଟ କେନ୍ଦ୍ରାପଡ଼ା ଅଞ୍ଚଳରେ ବହୁ ପୁରାତନ ଓ ବଡ଼ ହାଟ । ଏହି ହାଟ କଡଦେଇ ଯାଇଛି କଟକ-ଚାନ୍ଦବାଲି ରାଜ୍ୟ ରାଜପଥ । ଏହି ହାଟଟି ସପ୍ତାହର ବୁଧବାର ଓ ଶନିବାର ଦିନ ବସିଥାଏ । ଏହି ଦୁଇଟି ହାଟ ବାରିରେ ସାଧାରଣତଃ ଚାନ୍ଦୋଳ ବଜାରରେ ଚାଷୀ, ବେପାରୀ ଓ ଖାଉଟି ମାନଙ୍କର ଭିଡ଼ ବଢ଼ିଯାଇଥାଏ । ଅପରପକ୍ଷରେ ପାରାଦୀପ ଶିଳ୍ପାଞ୍ଚଳକୁ ମାଲ ପରିବହନ କରୁଥିବା ଓ ଶିଳ୍ପାଞ୍ଚଳରୁ ମାଲନେଇ ଆସୁଥିବା ହଜାର ହଜାର ଟ୍ରେଲର, ହାଇୱା, ତେଲ ଟ୍ୟାଙ୍କର ଇତ୍ୟାଦି ଚଣ୍ଡିଖୋଲ-ପାରାଦ୍ୱୀପ ୫୩ ନଂ ଜାତୀୟ ରାଜପଥ ଓ କଟକ-ପରାଦୀପ ରାସ୍ତାରେ ଥିବା ଟୋଲଗେଟ୍‌ରୁ ଖସିବା ପାଇଁ ଦୁହୁରିଆ ବାଟଦେଇ କଟକ - ଚାନ୍ଦବାଲି ରାଜପଥକୁ ବ୍ୟବହାର କରୁଛନ୍ତି । ଯାହା ଫଳରେ ଏହି ରାଜପଥଟି ଉପରୋକ୍ତ ଭାରୀଯାନ ପାଇଁ ବ୍ୟସ୍ତବହୁଳ ହୋଇପଡୁଥିବା ବେଳେ ସଦାସର୍ବଦା ରାସ୍ତା ଜାମ୍ ହୋଇ ରହୁଛି । ପରିସ୍ଥିତି ଏପରି ଉପୁଜୁଛି ସାଧାରଣ ପଥଚାରୀଟିଏ ରାସ୍ତା ପାରିହେବାକୁ ଦୀର୍ଘସମୟ ଧରି

**ଚାନ୍ଦୋଳ ସପ୍ତାହିକ ହାଟରେ ହେଉଛି ଅହେତୁକ ଭିଡ଼**

ଅପେକ୍ଷା କରିବାକୁ ପଡୁଛି । ଏହା ମଧ୍ୟରେ ବୁଧବାର ଓ ଶନିବାର ଚାନ୍ଦୋଳ ହାଟବାରି ଦିନ ଏହି ବଡ଼ ବଡ଼ ଗାଡ଼ି ଗୁଡ଼ିକୁ ଚଳପ୍ରଚଳ ହେବା ଫଳରେ ଚାନ୍ଦୋଳ ବଜାରରେ ଅହେତୁକ ଭାବେ ଭିଡ଼ ଲାଗି ରହୁଛି ଓ ଗାଡ଼ି ଜାମ ହେଉଛି । ଏପରିକ ଆମ୍ବୁଲାନ୍ସ



ଭଳି ଅତ୍ୟାବଶ୍ୟକ ଗାଡ଼ି ମଧ୍ୟ ଦୀର୍ଘ ସମୟ ଧରି ଏହି ଭିଡ଼ ମଧ୍ୟରେ ଫସି ରହିବାକୁ ପଡୁଛି । ତେଣୁ ତୁରନ୍ତ ପାରାଦୀପ ଶିଳ୍ପାଞ୍ଚଳକୁ ଯାଉଥିବା ଗାଡ଼ିଗୁଡ଼ିକୁ କଟକ-ଚାନ୍ଦବାଲି ରାଜପଥରେ ପୂର୍ବାହ୍ନରୁ ରାତି ୧୦ଟା ପର୍ଯ୍ୟନ୍ତ ଚଳପ୍ରଚଳ ବନ୍ଦ କରିବାକୁ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି ।

## ବିଜେଡିରେ ସାମିଲ ହେଲେ ଶତାଧିକ ପରିବାର




**ଆଳି,୨୧।୪(ସମିସ)**

ଆଳି ବ୍ଲକ ବାଳକାଟି ପଞ୍ଚାୟତରେ ବିଜେଡି ପକ୍ଷରୁ ଏକ ମିଶ୍ରଣ ପର୍ବର ଆୟୋଜନ କରାଯାଇଥିଲା । ବ୍ଲକ ବିଜେଡି ସଭାପତି ସନାତନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ବିଜେଡିର ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବ ଯୋଗଦେଇ ଶ୍ରୀକାନ୍ତ ବରଜ ଓ କରୁଣାକର ନାଥଙ୍କ ନେତୃତ୍ୱରେ ବିଭିନ୍ନ ରାଜନୈତିକ ଦଳ ପରିତ୍ୟାଗ କରି ବିଜେଡିରେ ଯୋଗଦାନ କରିଥିବା ଶତାଧିକ ପରିବାରକୁ ପୁଷ୍ପଗୁଚ୍ଛ ଓ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ । ବାଳକାଟି ସରପଞ୍ଚ ସୁକାନ୍ତି ପରିଡା, ସମିତି ସଦସ୍ୟ ବିପିନ ବିହାରୀ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ମିଶ୍ରଣପର୍ବରେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟ ଭୀଷ୍ମ ମହାନ୍ତିଙ୍କ ସମେତ ପୂର୍ବତନ ସରପଞ୍ଚ ଦିବାକର ନାୟକ, ଶ୍ରମିକ ନେତା ଧନେଶ୍ୱର ରାଉତ ପ୍ରମୁଖ ଯୋଗଦେଇ ଦଳରେ ମିଶିଥିବା ନବାଗତ ମାନଙ୍କୁ ସ୍ୱାଗତ କରିଥିଲେ । କାର୍ଯ୍ୟକ୍ରମକୁ ପଞ୍ଚାୟତର ଯୁବନେତା ସତ୍ୟଜିତ ରାଉତ, ସନ୍ତୋଷ ନାରାୟଣ ସାହୁ, ହେମନ୍ତ ବେହେରା, ମୁକ୍ତିକାନ୍ତ ଦାସ, ହେମନ୍ତ ବିଶ୍ୱାଳ, ରାଜେଶ ନାଥ, ଖଗେଶ୍ୱର ସାହୁ, ଆଶୁତୋଷ ବାରିକ ପ୍ରମୁଖ ପରିଚାଳନା କରିଥିଲେ ।

## ଜାନକୀ ପଟ୍ଟନାୟକଙ୍କ ନବମ ଶ୍ରାଦ୍ଧବାର୍ଷିକୀ



**କେନ୍ଦ୍ରାପଡା,୨୧।୪(ସମିସ):** ବିଶିଷ୍ଟ ଜନନାୟକ ତଥା ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନବମ ଶ୍ରାଦ୍ଧ ବାର୍ଷିକୀ ଆଜି କେନ୍ଦ୍ରାପଡା ତିନିମୁହାଣୀସ୍ଥିତ ସ୍ମୃତି ପୀଠରେ ଅନୁଷ୍ଠିତ ହୋଇଯାଇଛି । ସ୍ମୃତି ପରିଷଦର ସଭାପତି ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେଉରାଙ୍କ ପୌରୋହିତ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିବା ବେଳେ ଅତିଥି ଭାବରେ ନନ୍ଦକିଶୋର ପରିଡା, ଶତ୍ରୁଘ୍ନ ପାଣ୍ଡବ, ଗଣେଶ୍ୱର ବେହେରା, ଗୟାଧର ଧଳ, ଅଜୟ କୁମାର ସାମଲ, ଆକବର ଅଲ୍ଲୀ, ରାଜେଶ ମହାନ୍ତି, ନାରାୟଣ ପ୍ରସାଦ ପରିଡା, ରମଣୀ ରଞ୍ଜନ ରାଉତରାୟ, ମୁକ୍ତାର ଖାଁ, କୃଷ୍ଣଚନ୍ଦ୍ର ମଲ୍ଲିକ ଓ ରତିକାନ୍ତ ସାମଲ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସ୍ୱର୍ଗତ ପଟ୍ଟନାୟକଙ୍କ ଜିବନୀ ଉପରେ ଆଲୋକପାତ କରିଥିଲେ । ଏଥିସହିତ ସ୍ମୃତି ପରିଷଦର ଚଳିତ ବର୍ଷ ଜାନକୀ ବଲ୍ଲଭ ସାହିତ୍ୟ ସମ୍ମାନ-୨୦୨୪ କେନ୍ଦ୍ରାପଡା ମାଟିର ସୁଯୋଗ୍ୟ ତଥା ସାରସ୍ୱତ ସାଧକ ଅଧ୍ୟାପକ ଡକ୍ଟର ଶତ୍ରୁଘ୍ନ ପାଣ୍ଡବ ଓ ଅଧ୍ୟାପକ ଡକ୍ଟର ପ୍ରକାଶ କୁମାର ପରିଡାଙ୍କୁ ପ୍ରଦାନ କରାଯାଇଥିଲା । ଶ୍ରଦ୍ଧାଞ୍ଜଳି ସଭାରେ ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ଉମା ବଲ୍ଲଭ ଜେନା, ସଞ୍ଜୟ ଜେନା, ଡଃ ଗିରୀଶ ପାତ୍ର, ବିପଦ ରଞ୍ଜନ ଦାସ, ପ୍ରଫୁଲ୍ଲ ଦାସ, ଚିତ୍ତରଞ୍ଜନ ମଲ୍ଲିକ, ଜଗତଜୀବନ ଦାସ, ପ୍ରଦ୍ୟୁମ୍ନ ଜେନା, ରମେଶ ଦାସ, ଗୋପିନାଥ ବାରିକ, ମୀର ମୁରସିଦ୍, କମଳାକାନ୍ତ ବେହେରା, କୁଳମଣି ମଲ୍ଲିକ, ସୁନୀଲ ମହାପାତ୍ର, ଦୁର୍ଗାପ୍ରସାଦ ପତି, ବିଜୟ କୁମାର ସାହୁ, ବିଶ୍ୱଜିତ୍ ମହାନ୍ତି, କ୍ଷମାନିଧି ସାମଲ, ମଣ୍ଟୁ ସାହୁ, ଦୀପକ କୁମାର ଦାସ, ଜ୍ଞାନରଞ୍ଜନ ସାହୁ, ନିରଞ୍ଜନ ପରିଡା, ଗଦାଧର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଦିବଂଗତ ଆତ୍ମାଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

## ଜୀବନବିନ୍ଦୁ ରକ୍ତଦାନ ଶିବିର; ୩୧ ୟୁନିଟ ସଂଗୃହୀତ



**ଡେରାବିଶ,୨୧।୪(ସମିସ):** ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଚାନ୍ଦୋଳ ଠାରେ ଗତକାଲି ସନ୍ଧ୍ୟାରେ ଜୀବନବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ମନ୍ତ୍ରୀ ତଥା ପାଟକୁରାର ପୂର୍ବତନ ବିଧାୟକ ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲଙ୍କ ପଞ୍ଚମ ପୁଣ୍ୟ ତିଥି ଅବସରରେ ବେଦପ୍ରକାଶ ଅଗ୍ରଓବାଲା ସ୍ମୃତି ପରିଷଦ ପକ୍ଷରୁ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ବେଦପ୍ରକାଶଙ୍କ ଶ୍ରଦ୍ଧାଳୁ ଓ ଶୁଭେଚ୍ଛୁମାନେ ଯୋଗଦେଇଥିଲେ । ଏହି ରକ୍ତଦାନ ଶିବିରରେ କେନ୍ଦ୍ରାପଡ଼ା ବ୍ଲଡ଼ବ୍ୟାଙ୍କ ପକ୍ଷରୁ ରାକେଶ କୁମାର ମିଶ୍ର, ସୌମ୍ୟରଞ୍ଜନ ସାହୁ, ମନୋଜ କୁମାର ଦାସ, ବିଜୟଲକ୍ଷ୍ମୀ ବରାଳ, ସୌମ୍ୟରଞ୍ଜନ ସେଠୀ ପ୍ରମୁଖ ରକ୍ତଦାତାଙ୍କ ଠାରୁ ମୋଟ ୩୧ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ସ୍ମୃତିପରିଷଦର ଅଧ୍ୟକ୍ଷା ମଧୁମିତା ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ ।

## ଈଶ୍ୱରପୁରରେ ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ

**ରାଜନଗର,୨୧।୪(ସମିସ):** ରାଜନଗର ବ୍ଲକ ଈଶ୍ୱରପୁର ପଞ୍ଚାୟତରେ ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ ଆଜି ଅନୁଷ୍ଠିତ ହୋଇଯାଇଛି । ଈଶ୍ୱରପୁର ପଞ୍ଚାୟତର ରିଘାଗଡ ଠାରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ବିଜେଡି ସଭାପତି ନିରଂଜନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ଧ୍ରୁବ ସାହୁ ଯୋଗଦେଇ ପୁରୁଣା ବିଜେଡି ନେତୃତ୍ୱ ଓ ଅଂଶୁମାନଙ୍କ ସହିତ ବିଜେଡିରେ ଯୋଗଦେଇଥିବା କର୍ମୀମାନଙ୍କୁ ଏକମନ ହୋଇ ଡବଲ ଶଂଖ ପାଇଁ କାମ କରିବାକୁ କହିଥିଲେ । ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶ ମୂଳକ ଯୋଜନା ଓ ଗତ ୫ ବର୍ଷରେ ଈଶ୍ୱରପୁର ପଞ୍ଚାୟତରେ ହୋଇଥିବା ବିକାଶର ତାଲିକା ରଖିଥିଲେ । ଏହି ବୈଠକରେ ବରିଷ୍ଠ ନେତା ଦେବେନ୍ଦ୍ର କୁମାର ଜେନା, ଅରୁଣ କୁମାର ସାହୁ, ଗୋବର୍ଦ୍ଧନ ପ୍ରଧାନ, ନରହରି ଜେନା, ପାରେଶ୍ୱର ନାୟକ, ରଘୁନାଥ ପ୍ରଧାନ, ପଞ୍ଚାୟତ ବିଜେଡି ସଭାପତି ଶୁଭ୍ରକାନ୍ତ ଭ୍ରମରରାୟ, ହୃଷିକେଶ




ପ୍ରଧାନ, ମୋହନ ଚନ୍ଦ୍ର ବିଶ୍ୱାଳ, ବସନ୍ତ କୁମାର ବେହେରା, ଜିତେନ୍ଦ୍ର ବିଶ୍ୱାଳ, ନିର୍ମାଲ୍ୟ ମାନ୍ନା, ସୁବାଷ ଚନ୍ଦ୍ର ସାମଲ, ହୃଷିକେଶ ବେହେରା, ରୁଦ୍ର ନାରାୟଣ ପ୍ରଧାନ, ହେମନ୍ତ ମହାରଣା, ଗଣେଷ ଧାଉଡିଆ, ନରହରି ବେହେରା, ଲକ୍ଷ୍ମୀକାନ୍ତ ପାହାଡି, ନିଳମଣି ନାୟକ, ବଶିଷ୍ଠ ସ୍ୱାଇଁ, ନୀଳମାଧବ ଜେନା, ଶ୍ରୀଚରଣ ମହାନ୍ତି, ସନାତନ ଲେଙ୍କା, ରବିନ୍ଦ୍ର ସେଠୀ, ଭରତ ସେଠୀ, ବାଇଧର ବାରିକ, ଶୈଳେନ୍ଦ୍ର ସ୍ୱାଇଁ, ଲକ୍ଷ୍ମୀଧର ବାରିକ, ହିମାଂଶୁ ପାଣି, ରବି ବରାଳ, ଧିରେନ୍ଦ୍ର ମହାକୁଡ, ଅଶୋକ ପ୍ରଧାନ, ଭରତ ପ୍ରଧାନ, ପଞ୍ଚାନନ ସେଠୀ, ଅବିରାମ ମହୁରି, ବିଜୟ ମହାରଣା, ଦିପ୍ତୀମୟୀ ଦାସ, ମିନତୀ ଭ୍ରମରରାୟ ପ୍ରମୁଖ ଯୋଗଦେଇ ଆଗାମୀ ନିର୍ବାଚନରେ ଦଳ ସମସ୍ତେ ଡବଲ ଶଙ୍ଖରେ ଭୋଟ ଦେବା ପାଇଁ କହିଥିଲେ ।

### ପଞ୍ଚମ ପୁଣ୍ୟ ତିଥିରେ ଶ୍ରଦ୍ଧାଞ୍ଜଳି

# 'ନୀତି ଆଦର୍ଶର ବ୍ୟକ୍ତିତ୍ୱ ଥିଲେ ବେଦପ୍ରକାଶ'

**ଡେରାବିଶ,୨୧।୪(ସମିସ)**

ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ଠାରେ ଗତକାଲି ସନ୍ଧ୍ୟାରେ ପୂର୍ବତନ ମନ୍ତ୍ରୀ ତଥା ପାଟକୁରାର ପୂର୍ବତନ ବିଧାୟକ ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲଙ୍କ ପଞ୍ଚମ ପୁଣ୍ୟ ତିଥି ଅବସରରେ ଶ୍ରଦ୍ଧାଳି ସଭା ଅନୁଷ୍ଠିତ ହୋଇଯାଇଛି । ବେଦପ୍ରକାଶ ଅଗ୍ରୱାଲ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ଏହି ଶ୍ରଦ୍ଧାଳି ସଭାରେ ପରିଷଦର ଅଧ୍ୟକ୍ଷା ମଧୁମିତା ଅଗ୍ରୱାଲ ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ସଦସ୍ୟ ରାଜେଶ କୁମାର ଦାସ ସଭା ସଂଯୋଜନା କରିଥିଲେ । ମୁଖ୍ୟ ଅତିଥିଭାବେ ବରିଷ୍ଠ ଆଇନଜୀବୀ ଭୀମସେନ ଭୂୟାଁ ଯୋଗଦେଇ ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଳି ଦେବା ସହ ବେଦପ୍ରକାଶ ନୀତି ଆଦର୍ଶର ବ୍ୟକ୍ତିତ୍ୱ ଥିଲେ ବୋଲି ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ । ଏଥିସହିତ ଦୀର୍ଘ ଅର୍ଦ୍ଧଶତାବ୍ଦି ଧରି ନିଜର ରାଜନୈତିକ କାର୍ଯ୍ୟକ୍ରମରେ ରହିଥିବା ବେଦପ୍ରକାଶ ଜିଲ୍ଲାର ରାଜନୀତି ଇତିହାସରେ ପିତାମହ ଭୀଷ୍ମ ଥିଲେ ବୋଲି ଉଲ୍ଲେଖ କରିଥିଲେ । ପରିଷଦର ଉପସଭାପତି ଭବାନୀ ପ୍ରସାଦ ଓଝା ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ପାଟକୁରା ନିର୍ବାଚନ




ମଣ୍ଡଳୀରେ ବହୁ ଜନହିତକର କାର୍ଯ୍ୟକରି ସ୍ୱର୍ଗତ ବେଦୁବାବୁ ପାଟକୁରାର ବିଶ୍ୱକର୍ମା ଥିବା ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥିଭାବେ ପରିଷଦର ଆବାହକ ପ୍ରହ୍ଲାଦ ସାହୁ, ସନ୍ତୋଷ ମାହାଳି, ଦିଲ୍ଲୀପ କୁମାର ସେଠୀ, ମନିନ୍ଦ୍ର ପ୍ରସାଦ ରଥ, ଶାରଦା ସାମନ୍ତରାୟ, ସୁବାଷ କର, ଅଜୟ ବେବର୍ତା ପ୍ରମୁଖ ଯୋଗଦେଇ ବେଦପ୍ରକାଶ କେନ୍ଦ୍ରାପଡ଼ା ଓ ପାଟକୁରା ନିର୍ବାଚନ ମଣ୍ଡଳୀକୁ ପ୍ରତିନିଧିତ୍ୱ କରି ଉଭୟ ଅଞ୍ଚଳର ସାମାଜିକ, ଅର୍ଥନୈତିକ ତଥା ରାଜନୈତିକ କ୍ଷେତ୍ରକୁ ଅଭିବୃଦ୍ଧି ପାଇଁ ସଦା ସର୍ବଦା ଚିନ୍ତା କରୁଥିଲେ ବୋଲି ସେମାନଙ୍କ ବକ୍ତବ୍ୟରେ କହିଥିଲେ । ପରିଷଦର ସମ୍ପାଦକ ଦେବାଶିଷ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେବା ସହ ବିଗତ ୫ ବର୍ଷ ଧରି ପାଟକୁରା ନିର୍ବାଚନ ମଣ୍ଡଳୀରେ ପ୍ରାକୃତିକ ବିପର୍ଯ୍ୟୟ ଠାରୁ ଆରମ୍ଭ କରି ବିଭିନ୍ନ ଦୁର୍ବିପାକ ସମୟରେ ପରିଷଦ ପକ୍ଷରୁ ବିପନ୍ନଙ୍କୁ ସହାୟତା ସହ କୃତୀ ଛାତଛାତ୍ରୀମାନଙ୍କୁ ପରିଷଦ ପକ୍ଷରୁ କରାଯାଇଥିବା ବିଭିନ୍ନ ସହାୟତା ଉପରେ ବିଶଦ ସୂଚନା ଦେଇଥିଲେ ।

ଏହି ଅବସରରେ ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ଚିତ୍ରଶିଳ୍ପୀ ଅଜୟ କୁମାର ପଣ୍ଡା, ଶିକ୍ଷାବିତ୍ ଡକ୍ଟର ମନୋରନ ପଣ୍ଡା, ବରିଷ୍ଠ ନାଗରିକ ଭୁବନ ମୋହନ ଜେନା, ଅଧ୍ୟାପକ ସୁବାସ ଚନ୍ଦ୍ର କର ଓ ଅଧ୍ୟାପକ ପ୍ରଦୀପ କୁମାର ଜେନାଙ୍କୁ ପରିଷଦ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ଲୋହିତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରଶାନ୍ତ ସାମନ୍ତରାୟ, ଆଇନଜୀବୀ ଶାନ୍ତି ସ୍ୱରୁପ ଭୟାଁ, ପଲେଇ ସରପଞ୍ଚ ଅକ୍ଷୟ କୁମାର ସାହୁ, ରମାକାନ୍ତ ପରିଡ଼ା, ପ୍ରଭାତ ମଲିକ, ଦେବରାଜ ମହାପାତ୍ର, ସଙ୍ଗିତା ବାହାଲିଆ, ପ୍ରତିଭା ବାରିକ, ବ୍ଲକ ଯୁବ ବିଜେଡ଼ି ସଭାପତି ଗୋଲଖ ଚନ୍ଦ୍ର ସାହୁ, ପ୍ରମୋଦ ଭଦ୍ର, ଅମୀୟ ଦାସ, ଅଶୋକ ମଲିକ ପ୍ରମୁଖ ପରିଚାଳନା କରିଥିଲେ ।

## ବ୍ୟବସାୟୀଙ୍କ ପରଲୋକ

**ମାର୍ଶାଘାଇ,୨୧।୪(ସମିସ):** ମାର୍ଶାଘାଇ ଅଞ୍ଚଳର ପ୍ରତିଷ୍ଠିତ ବ୍ୟକ୍ତି ତଥା ବିଶିଷ୍ଟ ବ୍ୟବସାୟୀ ଅକ୍ଷୟ କୁମାର କର(୭୯)ଙ୍କର ରବିବାର ସକାଳେ ବିୟୋଗ ଘଟିଛି । ମାର୍ଶାଘାଇ ବଜାର କୁମ୍ଭାରସାହି ସମ୍ମୁଖରେ ବାୟାଣୀ କ୍ୟାସେଟ ହାଉସ, ବାୟାଣୀ ସାଉଣ୍ଡ ନାମକ ବ୍ୟବସାୟ ସଂସ୍ଥାର ପ୍ରତିଷ୍ଠାତା ଥିଲେ । ବାର୍ଦ୍ଧକ୍ୟ ଜନିତ ଅସୁସ୍ଥ ଥାଇ ନିଜ ବାସଭବନରେ ଦୀର୍ଘଦିନ ଧରି ଚିକିତ୍ସିତ ହେଉଥିଲେ । ରବିବାର ଭୋର ୫ଟାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ମାର୍ଶାଘାଇ ବନ୍ଧସାହି ସ୍ଥିତ ନିଜ ବାଡ଼ିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡ଼ ପୁଅ ଅମୀୟ କୁମାର କର ମୁଖାଗ୍ନି ଦେଇଥିଲେ ।

## କାର୍ ସହ ୬୭୫ ବୋତଲ ମଦ ଜବତ






**ରାଜନଗର,୨୧।୪(ସମିସ):** ରାଜନଗର ପୁଲିସ ଆଜି କାର୍ ସହିତ ୬୭୫ ବୋତଲ ଦେଶୀ ମଦ ଜବତ କରିବା ସହ ଡ୍ରାଇଭରକୁ ଗିରଫ କରି କୋର୍ଟ ଚାଲାଣ କରିଛି । ମିଳିଥିବା ସୂଚନା ମୁତାବକ ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ବଉଳାଙ୍ଗ ଗାଁର ନିର୍ମଳ ସାମଲ ଏକ କାର୍ (ଓଡି ୦୨ ବି ଜେଡ ୩୧୨୫)ରେ ଦେଶୀ ମଦ ଭର୍ତ୍ତି ହୋଇ ଯାଉଥିଲା । ରାଜନଗର ଆଇଆଇସି ଅଜୟ କୁମାର ଜେନାଙ୍କ ନେତୃତ୍ୱରେ ପୁଲିସ ଟିମ୍ ତ୍ରିନାଥବଜାର ନିକଟରେ କାରକୁ କାବୁ କରିନେଇଥିଲେ । କାରରେ ଆସ୍କା-୪୦ ୨୭ ପେଟି ଅର୍ଥାତ୍ ୧୩୫ ଲିଟର ଥିଲା । ମଦ ପଟ୍ଟାମୁଣ୍ଡାଇରୁ ଚୋରାରେ ଆସିଥିଲା । ପୁଲିସ ମଦ ଓ କାର୍‌କୁ ଜବତ କରିବା ସହ ଚାଳକ ନିର୍ମଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ଉହଉହ ଖରାରେ ପାଣି ପାଇଁ ଉହକବିକଳ

ଜଗତ୍‌ସିଂହପୁର, ୨୧।୪(ସମିସ)

ଜଗତ୍‌ସିଂହପୁର ଜିଲ୍ଲାର ତାପମାତ୍ରା ୪୦ଡିଗ୍ରୀ ଟପିଛି। ଦିନ ସାଢେ ୯ଟାରୁ ଖରାର ପ୍ରଚଣ୍ଡ ପ୍ରକୋପ ଅନୁଭବ ହେବା ସହିତ ଏହା ପରଠୁ ଉହ ଉହ ଖରା ତାତି ଫୁଟୁଛି। ଅସହ୍ୟ ଝାଞ୍ଜି ସାଙ୍ଗକୁ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପିଇବା ପାଣିର ଉତ୍କଟ ଅଭାବ ଲୋକଙ୍କୁ ସମସ୍ୟାରେ ପକାଇଛି। ଜିଲ୍ଲାର ନଦୀନାଳ, କୂଅ ପୋଖରୀ ଶୁଖିଯିବା ପରେ ଲୋକମାନେ ଗଭୀର ନଳକୂପ ଓ ପାନୀୟ ଜଳ ପ୍ରକଳ୍ପ ଉପରେ ଭରସା କରୁଥିବା ସମୟରେ ଅଧିକାଂଶ ନଳକୂପ ଏବେ ମଧ୍ୟ ଅଚଳ। ବସୁଧା ଯୋଜନାରେ





ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ଘରକୁ ମାଗଣାରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଇଛି। ଏ ବାବଦରେ କୋଟି କୋଟି ଟଙ୍କା ବ୍ୟୟରେ ପ୍ରତ୍ୟେକ ପଞ୍ଚାୟତରେ ବୃହତ୍ ପାଣିଟାଙ୍କି ନିର୍ମାଣ କରି ପାଇପ ଯୋଗେ ଜଳ ଯୋଗାଣ କରାଯାଉଛି। ମାତ୍ର ବିଭାଗୀୟ ଯନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନର ଅଭାବ ଓ ଠିକାଦାରଙ୍କ ଲାଭଖୋର ମନୋବୃତ୍ତିରୁ ନିମ୍ନମାନର ପାଣିଟାଙ୍କି ନିର୍ମାଣ ହୋଇଛି। ଯାହାଫଳରେ ଏହି ପାଣିଟାଙ୍କି ଗୁଡିକ କିଛି ଦିନପରେ ଅଚଳ ହୋଇପଡ଼ିବା ସହ ଲୋକମାନେ ପାନୀୟ ଜଳରୁ ବଞ୍ଚିତ ହେଉଛନ୍ତି।

ଜିଲ୍ଲାର ବାଲିକୁଦା ବ୍ଲକର ୨୧ଟି ଗ୍ରାମ, କୁଜଙ୍ଗ ବ୍ଲକର ୨୦ଟି ଗ୍ରାମ ଓ ଏରସମା ବ୍ଲକର ୨୧ଟି ସମୁଦ୍ର ଉପକୂଳସ୍ଥ ଜଳକ୍ଲିଷ୍ଟ ଗ୍ରାମର ଭୂତଳ ଜଳ ଲବଣାକ୍ତ ହୋଇଥିବାରୁ ଏଠାରେ ୱାଟର ଟ୍ୟାଙ୍କର ମାଧ୍ୟମରେ ଜଳ ଯୋଗାଣ କରାଯିବା ପାଇଁ ବ୍ୟବସ୍ଥା ହୋଇଛି। ତେବେ ଜଳକ୍ଲିଷ୍ଟ ଅଞ୍ଚଳରେ ନିୟମିତ ପାଣିଟ୍ୟାଙ୍କର ପହଞ୍ଚୁନଥିବା ଖବର ମିଳିଛି। ଲୋକଙ୍କ ଅବଶ୍ୟକ ଓ ଚାହିଦା ଦୃଷ୍ଟିରୁ ଏହି ଜଳ ଯୋଗାଣ ସମୁଦ୍ରକୁ ଶଙ୍ଖେ ହୋଇଥିବା ନେଇ ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ବସୁଧା ଯୋଜନାରେ ନୂତନ ପାଇପ୍ ଯୋଗେ ଜଳଯୋଗାଣ ପ୍ରକଳ୍ପ ଗୁଡିକ କାର୍ଯ୍ୟକ୍ଷମ କରାଯାଇ ପାରୁନଥିବାରୁ ପ୍ରକଳ୍ପ ଥାଇ ଲୋକମାନେ ପାଣି ପାଇପାରୁନଥିବା ପ୍ରକାଶ କରିଛନ୍ତି।

**● ପହଞ୍ଚୁନି ଟ୍ୟାଙ୍କର, ଅଚଳ ନଳକୂପ**
**● ପ୍ରକଳ୍ପ ଥାଇ ବି ଲୋକ ପାଉନାହାନ୍ତି ପାଣି**

ଜିଲ୍ଲାର ସର୍ବାଧିକ ଜଳକ୍ଲିଷ୍ଟ ଅଞ୍ଚଳ ଏରସମା ବାଲିକୁଦା ଓ ନାଉଗାଁର ଗୋଟିଏ ପଞ୍ଚାୟତରେ ଜଳର ଅଭାବକୁ ପୂରଣ କରାଯିବାକୁ ୧୪୨.୮୮ କୋଟି ଟଙ୍କା ବ୍ୟୟରେ କରାଯାଇଥିବା ମେଗା ପାନୀୟ ଜଳ ପ୍ରକଳ୍ପ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନଥିବାରୁ ଲୋକମାନେ ପିଇବା ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହି ପ୍ରୋଜେକ୍ଟ ସମ୍ପୂର୍ଣ୍ଣ ହେଲେ ୨୪ ପଞ୍ଚାୟତର ୧୨୩ ଗ୍ରାମର ୧ଲକ୍ଷ ୭୪ ହଜାର ୧୩୪ ଜଣ ଲୋକ ଉପକୃତ ହୋଇପାରନ୍ତେ। ମାତ୍ର ଏହି କାମ ନେଇଥିବା ଏଲ୍‌ଆଣ୍ଡଟି କମ୍ପାନୀ ପକ୍ଷରୁ କଚ୍ଛପ ଗତିରେ ପ୍ରକଳ୍ପ କାମ ଚାଲୁଥିବାରୁ ଲୋକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ସେହିପରି ଜିଲ୍ଲାରେ ପ୍ରାୟ ୧୪ ହଜାର ନଳକୂପ ରହିଥିବା ସମୟରେ ଏଥିରୁ ଅଧାରୁ ଅଧିକ ନଳକୂପ ଅଚଳ। ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଗତ ଫେବୃଆରୀ ମାସରେ ଅନୁଷ୍ଠିତ ହେବା ସହିତ ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ସମସ୍ତ ଅଚଳ ନଳକୂପର ତୁରନ୍ତ ମରାମତି ସହିତ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବିଭାଗ ପକ୍ଷରୁ ଏପର୍ଯ୍ୟନ୍ତ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଇ ପାରିନଥିବା ସୂଚନା ମିଳିଛି। ଅନେକ ଗ୍ରାମରେ ପାଣି ପାଇପ ରହିଥିଲେ ମଧ୍ୟ ଏଥିରେ ପାଣି ଆସୁନଥିବାରୁ ଗୋଟିଏ ଗୋଟିଏ ନଳକୂପ ଆଗରେ ମହିଳାଙ୍କ ଲମ୍ବାଧାଡି ଦେଖିବାକୁ ମିଳୁଛି।

ଏରସମା ସୋମପୁର, ପୋଖରିଆପଡ଼ା, ନାରଦିଆ, ଜାନକାଦେଇପୁର, ଗୋଡା, ଗଡ଼ ହରିଶପୁର, ଗଡ଼ ବିଶନପୁର ଓ ପଏଦା ପଞ୍ଚାୟତରେ ପାଣିର ଉତ୍କଟ ସମସ୍ୟା ରହିଛି। ଏରସମାର ଡିଙ୍କିଆ, ମହାଳ, ଗୋବିନ୍ଦପୁର, ନୂଆଗାଁ ଗଡ଼ କୁଜଙ୍ଗ ଆଦି ଗ୍ରାମର ବିଭିନ୍ନ ସ୍ଥାନରେ ୨୫ଟି ପାଣି ଟାଙ୍କି ନିର୍ମାଣ କରାଯାଇ ଲୋକଙ୍କୁ ପାଣି ଯୋଗାଇ ଦିଆଯାଉଥିଲା। ମାତ୍ର ନିମ୍ନମାନର କାମ ପାଇଁ ଅଳ୍ପ ଦିନରେ ଏହି ଟାଙ୍କି ଗୁଡିକ ନଷ୍ଟ ହେବାକୁ ବସିଛି। ବାଲିକୁଦା ସମୁଦ୍ରକୂଳବର୍ତ୍ତୀ ପଞ୍ଚାୟତ ଅନନ୍ତପୁରରେ ଶହ ଶହ ଲୋକ ପାନୀୟ ଜଳରୁ ବଞ୍ଚିତ ହୋଇ ହନ୍ତସନ୍ତ ହେଉଛନ୍ତି। ଜିଲ୍ଲାର ବହୁ ପଞ୍ଚାୟତକୁ ପାଇପ ମାଧ୍ୟମରେ ପାନୀୟଜଳ ଯୋଗାଇ ଦିଆଯାଉଥିବା କାଗଜ କଲମରେ ଦେଖାଉଥିଲେ ମଧ୍ୟ ସ୍ଥଳ ବିଶେଷରେ ପାଣି ପହଞ୍ଚୁନଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ସେହିପରି ଓଷକଣା, ମରିଚିପୁର, ରାହଣ, ନହରଣାରେ ଆଦି ପଞ୍ଚାୟତରେ ପାନୀୟଜଳର ଉତ୍କଟ ସମସ୍ୟା ରହିଛି। ବାଲିକୁଦାର ଅଡଙ୍ଗା ପଞ୍ଚାୟତ ଅଧିନ ଦେବ ଗ୍ରାମରେ ନିର୍ମିତ ପାନୀୟଜଳ ପ୍ରକଳ୍ପ ଅଚଳ ହୋଇପଡ଼ିଛି। ସେହିପରି କୁଜଙ୍ଗ ବ୍ଲକର ଫତେପୁର, ଗଣ୍ଡିକପୁର, ଗୋପିଆକୁଦ, ମଂଗରାଜପୁର ପଞ୍ଚାୟତର କିଛିଅଂଶ, ବଗଦିଆ ଓ ବିଶ୍ୱାଳିରେ ଜଳ ସମସ୍ୟା ଉତ୍କଟ ରହିଛି।

ଜଗତସିଂହପୁର ବ୍ଲକ ପିତେଇପୁର ପଞ୍ଚାୟତ ଅନ୍ତର୍ଗତ ମଲ୍ଲପୁର ଗ୍ରାମରେ ବସୁଧା ଯୋଜନାରେ ୫୦ ହଜାର ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କି ନିର୍ମାଣ ହୋଇଛି। ମାତ୍ର ଉକ୍ତ ପ୍ରକଳ୍ପରୁ ସବୁ ଅଞ୍ଚଳକୁ ପାଣି ପହଞ୍ଚୁନଥିବା ଅଭିଯୋଗ ହେଉଛି। ସେହିପରି ନାଉଗାଁର ଜାମୁଗାଁ ପଞ୍ଚାୟତ ଅନ୍ତର୍ଗତ ନନ୍ଦି ଗ୍ରାମରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣର କିଛିଦିନ ପରେ ଅଚଳ ହେବା ସହିତ ପାଇପ ଗୁଡିକ ଫାଟି ଯାଇଛି। ଏହି ବ୍ଲକର ବଛାଲୋ ପଞ୍ଚାୟତରେ ୩ଟି ବସୁଧା ପାନୀୟଜଳ ପ୍ରକଳ୍ପ ନିର୍ମାଣ କରାଯାଇଛି। ଏହି ପ୍ରକଳ୍ପ ଗୁଡିକ ଅଚଳ ହେବା ସହିତ ଲୋକମାନେ ପାଣି ପାଉନଥିବା ଅଭିଯୋଗ ହେଉଛି। ବିରିଡି ବ୍ଲକର ୨୨ ମୋଜା ଅନ୍ତର୍ଗତ ଶଙ୍ଖାରୀ ସାହିରେ ନିର୍ମାଣ କରାଯାଇଥିବା ଓଭରହେଡ ପାଣି ଟାଙ୍କିରୁ ଲୋକଙ୍କୁ ପାଣି ମିଳୁନାହିଁ। କୁଜଙ୍ଗର ବଗଦିଆ, ପାରାଦୀପଗଡ଼, ଫତେପୁର, ନୂଆଗଡ଼, କୋଠି, ବିଶ୍ୱାଳୀ, ଭୂତମୁଣ୍ଡାଇ, ଗୋପିଆକୁଦ ଆଦି ୨୮ ପଞ୍ଚାୟତରେ ୧୫୩ଟି ଗ୍ରାମକୁ ପଇବାପାଣି ଯୋଗାଇବାକୁ ପ୍ରକଳ୍ପ ନିର୍ମାଣ ପାଇଁ ଏକ କମ୍ପାନୀକୁ ଦାୟିତ୍ୱ ଦିଆଯାଇଛି। ମାତ୍ର ଏବେ ସୁଦ୍ଧା ଉକ୍ତ ପ୍ରକଳ୍ପ ନିର୍ମାଣ କାମ ଶେଷ ହୋଇନଥିବାରୁ ଲୋକଙ୍କୁ ପାଣି ମିଳୁନଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ରଘୁନାଥପୁର ଓ କୁଜଙ୍ଗ ଅଞ୍ଚଳରେ ମଧ୍ୟ ନିମ୍ନମାନର ପାନୀୟ ଜଳ ପ୍ରକଳ୍ପ ପାଇଁ ଲୋକମାନେ ଜଳକଷ୍ଟର ସମ୍ମୁଖୀନ ହେଉଛନ୍ତି।

● ଯୁବ ବିଜେଡିର ବୈଠକ

## ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ବହୁ ଭୋଟରେ ଜିତାଇବାକୁ ସଂକଳ୍ପ

**ତିର୍ତ୍ତୋଲ, ୨୧।୪(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନକପୁର ବସନ୍ତ ବଗିଚା ଠାରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ସୁମିତ ଦାସଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତିର୍ତ୍ତୋଲ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଯୁବ ବିଜେଡିର କର୍ମକର୍ତ୍ତା ଓ କର୍ମୀମାନେ ଉପସ୍ଥିତ ରହି ଆସନ୍ତା ନିର୍ବାଚନରେ ବିଜେଡି ବିଧାନସଭା ପ୍ରାର୍ଥୀ ଡ. ରମାକାନ୍ତ ଭୋଇ ଓ ସାଂସଦ ପ୍ରାର୍ଥୀ ଡା. ରାଜଶ୍ରୀ ମଲ୍ଲିକଙ୍କୁ ବହୁ ଭୋଟରେ ବିଜୟୀ କରିବା ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ଆସୀନ କରିବାକୁ ସଂକଳ୍ପ ନେଇଥିଲେ। ଏଥିସହିତ ତୃଣମୂଳସ୍ତରରେ ଦଳକୁ ସୁଦୃଢ କରିବାକୁ ସବିଶେଷ ଆଲୋଚନା ହୋଇଥିଲା। ବ୍ଲକ ଯୁବ ବିଜେଡି ସଭାପତି ସୁଜିତ ମହାନ୍ତି, ଜିଲ୍ଲା ଯୁବ ବିଜେଡି ସାଧାରଣ ସମ୍ପାଦକ ସିଦ୍ଧାର୍ଥ ରାଉଳ, ଯୁବ ବିଜେଡି ବ୍ଲକ ଉପସଭାପତି ଦେବବ୍ରତ ବାରିକ, ସମୀର ସାମଲ, ପ୍ରଳୟ ରାଉଳ, ଆଲେକଜାଣ୍ଡାର ସାହୁ, ସୁମନ୍ତ ସାହୁ, ଅକ୍ଷୟ ବେହେରା, ନରେନ୍ଦ୍ର ବାରିକ, ବୁଟୁ ମହାନ୍ତି ପ୍ରମୁଖ ଯୋଗଦେଇ ଥିଲେ।

## ସ୍ୱର୍ଣ୍ଣକାର ସଂଘ କର୍ମକର୍ତ୍ତା ନିର୍ବାଚନ



**କୁଜଙ୍ଗ, ୨୧।୪(ସମିସ):** କୁଜଙ୍ଗ ସ୍ୱର୍ଣ୍ଣକାର ସଙ୍ଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନୂତନ ସଭାପତି ଭାବେ ତୀର୍ଥାନନ୍ଦ ମହାପାତ୍ରଙ୍କୁ ମନୋନୀତ କରାଯାଇଛି। ସମ୍ପାଦକ ଭାବେ ପ୍ରତାପ ସାହୁ, ମୁଖ୍ୟ ଉପଦେଷ୍ଟା ଭାବେ ଦେବେନ୍ଦ୍ର କୁମାର ସାହୁ, ସୁଶାନ୍ତ ସାହୁ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଅଶୋକ ସାହୁ, ଶୈଳନ୍ଦ୍ର ସାହୁ, ପ୍ରଣବ ସାହୁ, ହେମନ୍ତ ସାହୁ, କାବୁ ସାହୁ, ଅରୁଣ ସାହୁ, ଛବିନ୍ଦ୍ର ସାହୁ ପ୍ରମୁଖ ମନୋନୀତ ହୋଇଛନ୍ତି। କମିଟି ଗଠନପରେ ସାଧାରଣ ସଭ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି।

## ମନ୍ଦିରରେ ପୂଜାର୍ଚ୍ଚନା କରି ସିପିଆଇ ପ୍ରାର୍ଥୀଙ୍କ ପ୍ରଚାର ଆରମ୍ଭ



**ପାରାଦୀପ, ୨୧।୪(ସମିସ):** ପାରାଦୀପ ନିର୍ବାଚନ ମଣ୍ଡଳୀର ସିପିଆଇ ପ୍ରାର୍ଥୀ ଜିନ୍ମୟୀ ସାହାଣୀ ଆଜି ପାରାଦୀପଗଡ଼ ଲୋକନାଥ ମନ୍ଦିରରେ ପୂଜାର୍ଚ୍ଚନା କରି ପ୍ରଥମେ ପାରାଦୀପଗଡ଼ର କିଛି ୱାର୍ଡ ବୁଲିଥିଲେ। ଯେହେତୁ ପାରାଦୀପ ଏକ ଶିଳ୍ପ ନଗରୀ, ଏଠାରେ ଯୁବକମାନେ ଚାକିରି ନ ପାଇ ଦାଦନ ଖଟିବାକୁ ବାହାରକୁ ଯାଉଥିବା ବେଳେ ବାହାର ରାଜ୍ୟର ପିଲା ଆସି ଏଠାରେ କାମ କରୁଛନ୍ତି। ତେଣୁ ସେ ଶିଳ୍ପ ପାଇଁ, ସାଧାରଣ ଲୋକଙ୍କ ପାଇଁ, କୃଷକ ମାନଙ୍କ ପାଇଁ, ଛାତ୍ର, ଯୁବକ ଓ ମହିଳା ମାନଙ୍କ ପାଇଁ ଲଢେଇରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କହିଛନ୍ତି।

# ଭୋଇ ସମାଜ ପକ୍ଷରୁ କର୍ମୀ ସମ୍ମିଳନୀ

**ବାଲିକୁଦା, ୨୧।୪(ସମିସ):** ଅଲ୍ ଓଡ଼ିଶା ଭୋଇ ସମାଜ ବିକାଶ ପରିଷଦ ପକ୍ଷରୁ ବାଲିକୁଦା ବ୍ଲକ ବନ୍ଦରଠାରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜଗତ୍‌ସିଂହପୁର ଶାଖାର ଆବାହକ ଶଙ୍କର ଦାସଙ୍କ ଅଧକ୍ଷତାରେ ଆୟୋଜିତ କର୍ମୀ ସମ୍ମିଳନୀରେ ରାଜ୍ୟ ସଭାପତି ଲକ୍ଷ୍ମୀଧର ଭୋଇ, ରାଜ୍ୟ ସାଧାରଣ ସମ୍ପାଦକ ନିରଞ୍ଜନ ରାଉତ, ଉପ ସଭାପତି ରତ୍ନାକର କାଣ୍ଡି, ବିଶିଷ୍ଟ ସମାଜ ସେବୀ ଲିଙ୍ଗରାଜ ଲେଙ୍କା, ସମାଜସେବୀ ନରେଶ କାଣ୍ଡି, ଦୁଷ୍ମନ୍ତ କାଣ୍ଡି, ବିଶିଷ୍ଟ ଶିକ୍ଷାବିତ୍ ଗଣେଶ୍ୱର ହାଁସଦା, ଆଇନଜୀବୀ ଅଜୟ କୁମାର ଦାସ, ସମାଜସେବୀ ସୁକାନ୍ତ କାଣ୍ଡି, ଦଳିତ ବିକାଶ ପରିଷଦ ଜଗତସିଂହପୁର ଶାଖାର ସାଧାରଣ ସମ୍ପାଦକ ଅକ୍ଷୟ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ଜିଲ୍ଲା ଆବାହକ ଶଙ୍କର ଦାସଙ୍କୁ ସର୍ବ ସମ୍ମତିକ୍ରମେ ଜଗତସିଂହପୁର ଲୋକସଭା ସଂରକ୍ଷିତ ଆସନରୁ ସାଂସଦ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା।



## ଦୁର୍ଘଟଣାରେ ଯୁବକ ଗୁରୁତର

**ବାଲିକୁଦା, ୨୧।୪(ସମିସ):** ବାଲିକୁଦା ଥାନା ଅନ୍ତର୍ଗତ ମାଛଗାଁ-ଗାରୋଇ ରାସ୍ତାର ଆସିଲୋ ନିକଟରେ ଆଜି ସନ୍ଧ୍ୟାରେ ଏକ ରାସ୍ତା ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଉକ୍ତ ଯୁବକଙ୍କୁ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ଆମ୍ବୁଲାନ୍ସରେ ମେଡିକାଲ ପଠାଇଥିଲେ। ମାତ୍ର ଦୁର୍ଘଟଣାଗ୍ରସ୍ତ ଯୁବକଙ୍କ ପରିଚୟ ମିଳିପାରି ନାହିଁ। କେହି କେହି ଯୁବକଙ୍କ ଘର ନାଉଗାଁ ବ୍ଲକ ଭଣ୍ଡିସାହି ଅଞ୍ଚଳରେ ବୋଲି କହୁଛନ୍ତି।

# ଧର୍ମପ୍ରାଣା ଦମ୍ପତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ତିର୍ତ୍ତୋଲ, ୨୧।୪(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଅରିଲୋରେ ପୂଜ୍ୟ ପୂଜକ ପଦ୍ମଶ୍ରୀ ବାବା ବଳିଆଙ୍କ ତତ୍ତ୍ୱାବଧାନରେ ଶ୍ରୀଶ୍ରୀ ସର୍ବେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ଥିବା ଶ୍ରୀରାମ ମନ୍ଦିରରେ ରାମ ନବମୀ ଉତ୍ସବ ଅବସରରେ ବହୁବିଧ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଓ ଆଧାତ୍ମ୍ୟବାଦୀ ଦମ୍ପତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ଗ୍ରାମର ପ୍ରତିଷ୍ଠିତ ଆଧାତ୍ମିକ ବ୍ୟକ୍ତିତ୍ୱ ସ୍ୱର୍ଗତ ଗୋକୁଳାନନ୍ଦ ମହାନ୍ତି ଓ ତାଙ୍କ ସହ ଧର୍ମିଣୀ ଦିବଂଗତ ଶାନ୍ତିସୁଧା ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ପଦ୍ମଶ୍ରୀ ବାବା ବଳିଆଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ ସହ କଟକ ବାୟା ବାବା ମଠରେ ଦିବଂଗତ ଗୋକୁଳାନନ୍ଦ ବାବା ଓ ତାଙ୍କ ପତ୍ନୀଙ୍କ ସେବା ତଥା ଅନ୍ୟାନ ଆଧାତ୍ମିକ କାର୍ଯ୍ୟକୁ ଲକ୍ଷ କରି ବାବା ବଳିଆ କହିଥିଲେ ସେବା, ଭକ୍ତି ବଳରେ ସାଧାରଣ ବ୍ୟକ୍ତି ଅସାଧାରଣ ମଧ ହୋଇ ପାରିବେ। ସ୍ୱର୍ଗତ ଗୋକୁଳାନନ୍ଦ ମହାନ୍ତିଙ୍କ ସାନ ଝିଅ ଇତିଶ୍ରୀ ମହାନ୍ତି ମୂର୍ତ୍ତି ଦୁଇର ଆବରଣ ଖୋଲି ଉନ୍ମୋଚିତ କରିଥିଲେ। ଉକ୍ତ ବର୍ଣ୍ଣାଢ୍ୟ ଉନ୍ମୋଚନ ଉତ୍ସବରେ ଜେଷ୍ଠ ପୁଅ ତଥା କଟକର ପୂର୍ବତନ ଜିଲ୍ଲାପାଳ କିଶୋର କୁମାର ମହାନ୍ତିଙ୍କ ସହ ସମସ୍ତ ଭାଇ ଭଉଣୀ, ଜାମାତା, ନାତି, ନାତୁଣୀ ଯୋଗଦେଇଥିଲେ।



## କଂଗ୍ରେସ ଉପ ସଭାପତିଙ୍କ ଉପରୁ ନିଲମ୍ବନ ହଟିଲା

**ରଘୁନାଥପୁର, ୨୧।୪(ସମିସ):** ରଘୁନାଥପୁର ବ୍ଲକ କଂଗ୍ରେସର ସଭାପତି ପ୍ରଶାନ୍ତ କୁମାର ଦାସ ବ୍ଲକ କଂଗ୍ରେସ ଉପସଭାପତି ବ୍ରହ୍ମାନନ୍ଦ ମିଶ୍ରଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରିଛନ୍ତି। ଗତ ପଞ୍ଚାୟତ ନିର୍ବାଚନ ସମୟରେ ତାଙ୍କୁ କଂଗ୍ରେସ ଦଳରୁ ନିଲମ୍ବନ କରାଯାଇଥିଲା। ସାମ୍ପ୍ରତିକ ପରିସ୍ଥିତିକୁ ଲକ୍ଷ୍ୟ କରି ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ ଓ କଂଗ୍ରେସ ବିଧାୟକ ପ୍ରାର୍ଥୀ ଇଂ. ହିମାଂଶୁ ଭୂଷଣ ମଲ୍ଲିକଙ୍କ ପରାମର୍ଶ ଓ ରେଢୁଆ ପଞ୍ଚାୟତର କଂଗ୍ରେସ କର୍ମୀମାନଙ୍କ ସହିତ ବିଚାରବିମର୍ଶ ପରେ ତାଙ୍କ ଉପରୁ ନିଲମ୍ବନ ହଟାଯାଇଛି ବୋଲି ସଭାପତି କହିଛନ୍ତି। ବିଗତ ଦିନରେ ଶ୍ରୀ ମିଶ୍ରଙ୍କର କଂଗ୍ରେସ ଦଳ ପ୍ରତି ଅନେକ ଅବଦାନ ରହିଛି। ଆଶା ଓ ବିଶ୍ୱାସ ପୂର୍ବଭଳି ସେ ପଞ୍ଚାୟତ ଓ ବ୍ଲକସ୍ତରରେ କଂଗ୍ରେସ ଦଳକୁ ମଜବୁତ କରିବାକୁ କାମ କରିବେ ବୋଲି ବିଧାୟକ ପ୍ରାର୍ଥୀ ଇଂ. ମଲ୍ଲିକ ଆଶାବ୍ୟକ୍ତ କରିଛନ୍ତି।

# ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

**ରଘୁନାଥପୁର, ୨୧।୪(ସମିସ):** ୨୦୨୪ ସାଧାରଣ ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହିତ ଅନୁଷ୍ଠିତ ପାଇଁ ରଘୁନାଥପୁର ପୁଲିସ ପକ୍ଷରୁ ରବିବାର ରଘୁନାଥପୁରର ବିଭିନ୍ନ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇଛି। ରଘୁନାଥପୁର ଥାନା ନିକଟରୁ ଏହି ଫ୍ଲାଗ୍‌ମାର୍ଚ୍ଚ ବାହାରି ରଘୁନାଥପୁର ମେଡିକାଲ ଛକ, ବଡ ବଜାର, ନୂଆ ବଜାର, ନାରାୟଣୀ ଛକ, ମଙ୍ଗଳା ଛକ, ବଡଦାଣ୍ଡ, ଜଗନ୍ନାଥତୋଳା, ଘାଟକୁଳ, ବାଙ୍କିତୋଳା, ବାଗସାହି, ରଙ୍ଗବଜାର, ପୂର୍ଣ୍ଣଚନ୍ଦ୍ର ବିଦ୍ୟା ମନ୍ଦିର, ହାଟ ବଜାର, ଜଗନ୍ନାଥପୁର ବଜାର, ମହେନ୍ଦ୍ରସାହୁ ଛକ, ଗୋପାଳପୁର ଆଦି ସ୍ଥାନ ପରିକ୍ରମା କରିଥିଲା। ଏହାପରେ ତାରପୁର ବାଇପାସ୍, ପୁରୁଣା ବଜାର ଅତିକ୍ରମ କରି ଏହି ଫ୍ଲାଗ୍‌ମାର୍ଚ୍ଚ ରେଢୁଆ ହାଟ, ମେଡିକାଲ ଛକ, ହାଇସ୍କୁଲ, ରାମମନ୍ଦିର ପରେ କଲେଜ ଛକରେ ପହଞ୍ଚିଥିଲା। ଏଥିରେ ତିର୍ତ୍ତୋଲ ଏସ୍‌ଡିପିଓ ଚିନ୍ମୟ ରାଉତଙ୍କ ନେତୃତ୍ୱରେ ଅତିରିକ୍ତ ଆଇଆଇସି ରଶ୍ମୀବାଳା ସେଠୀ, ଉପ ନିରୀକ୍ଷକ ଯୋଗେଶ୍ୱର ବେହେରା, ଏଏସ୍‌ଆଇ ସଂଜୟ କୁମାର ଦଣ୍ଡପାଟ ଏବଂ ୧୧୩ଜଣ ସିଆର୍‌ପି ଯବାନ ଯୋଗ ଦେଇଥିଲେ।



# ରାସ୍ତା ଜାମ୍ କରୁଛନ୍ତି ଲୁହାପଥର ବୋଝେଇ ଟ୍ରକ

## ଅଟକୁଛି ଆମ୍ବୁଲାନ୍ସ; ଓଭରଟେକ୍ ଯୋଗୁ ବଢୁଛି ଦୁର୍ଘଟଣା

ପାରାଦୀପ, ୨୧।୪(ସମିସ)

ପାରାଦୀପରେ ବେଧଡ଼କ ଭାବରେ ଚାଲିଛି ଆଇରନ ଟ୍ରକ୍‌ର ଓଭରଟେକିଙ୍ଗ। ଦିନ ହେଉ ଅବା ରାତି କାହାକୁ ଖାତିରି ନ କରି ଖୋଲାଖୋଲି ଟ୍ରାଫିକ ଜାମ କରୁଛନ୍ତି ଏହି ଆଇରନ ବୋଝେଇ ଟ୍ରକ୍। ଏହାର ପରିଣାମ ଭୋଗୁଛନ୍ତି ସାଧାରଣ ଜନତା। ଦିନବେଳା କେଉଁଠି ଟ୍ରାଫିକ ଜାମ୍‌ରେ ପଡ଼ିଯାଇଛନ୍ତି ସ୍କୁଲ ପିଲା ତ ଆଉ କେଉଁଠି ରାତିରେ ପୁଲିସ ଉପସ୍ଥିତିରେ ଟ୍ରାଫିକ ଜାମରେ ଫସି ଯାଉଛି ଆମ୍ବୁଲାନ୍ସ। ଯେତେ ଅଭିଯୋଗ କଲେ ବି କାର୍ଯ୍ୟାନୁଷ୍ଠାନ ନେବାରେ ବିଫଳ ହେଉଛି ପୁଲିସ।

ପାରାଦୀପ ବାସୀଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି ପାରାଦୀପ ଗଡ଼ରୁ ଅଠରବାଙ୍କୀ ରାଜରାସ୍ତା। ନଜର ହଟିଲେ ଆଇରନ ଗାଡି ଚକାତଳେ ଚାଲିଯାଉଛି ନିରୀହ ଜୀବନ। ବାରମ୍ବାର ଏହିଭଳି ଦୁର୍ଘଟଣା ଘଟୁଥିଲେ ମଧ୍ୟ ଚେତୁନି ପ୍ରଶାସନ। କ୍ରମାଗତ ଭାବରେ ଦିନରାତି ଏହି ଆଇରନ ଟ୍ରକ ଗୁଡିକ ଓଭରଟେକିଙ୍ଗ କାରଣରୁ ରାଜରାସ୍ତା ଅନେକ ସମୟରେ ଜାମ ହୋଇପଡୁଥିବାରୁ ଲୋକେ ନାହିଁ ନଥିବା ହୀନସ୍ତା ହେଉଛନ୍ତି। ମାତ୍ର ଏଥିପ୍ରତି ଯେପରି କାହାର ନିଘା ନାହିଁ।

ଅନ୍ୟ ଘଟଣାରେ ପୁଲିସ ତତ୍ପରତା ଦେଖାଉଥିବାବେଳେ ବାରମ୍ବାର ଖବର ପ୍ରସାରଣ ପରେ ବି ଆଇରନ ଟ୍ରକ ଘଟଣାରେ କାହିଁକି ପୋଲିସ ସାଜିଛି ନିରବଦ୍ରଷ୍ଟା। କେବେ ପାରାଦୀପରେ ଏହି ବେପରୁଆ ଟ୍ରକ୍ ଚାଳକଙ୍କ ଦୌରାତ୍ମ୍ୟ କମିବ ଲୋକମାନେ ଅପେକ୍ଷା କରି କରି ପ୍ରତିକ୍ରିୟାଶୀଳ ହୋଇପଡ଼ିଲେଣି।



# ବିଜେଡିରେ ମିଶିଲେ ବିଜୟ କେତନ ସ୍ୱାଇଁ



**ପଟ୍ଟାମୁଣ୍ଡାଇ, ୨୧।୪(ସମିସ):** ରାଜନଗର ଆସନର ପୂର୍ବତନ ବିଜେପି ପ୍ରାର୍ଥୀ, ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ପ୍ରତିଷ୍ଠାତା ବାର୍ଷିଆନ ନେତା ବିଜୟକେତନ ସ୍ୱାଇଁ ଗତକାଲି ବିଜେପି ଛାଡି ଭୁବନେଶ୍ୱର ଶଙ୍ଖ ଭବନରେ ଶତାଧିକ ସମର୍ଥକଙ୍କ ସହିତ ବିଜେଡିରେ ଅନୁଷ୍ଠାନିକ ଭାବେ ସାମିଲ ହୋଇଥିଲେ ଓ ଶଙ୍ଖ ଭବନରେ ଆୟୋଜିତ ସ୍ୱତନ୍ତ୍ର ମିଶ୍ରଣ ପର୍ବରେ ସାଂସଦ ସସ୍ମିତ ପାତ୍ର, ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ପୂର୍ବତନମନ୍ତ୍ରୀ ମାହାଙ୍ଗା ବିଧାୟକ ପ୍ରତାପ ଜେନା, ରାଜନଗର ବିଧାୟକ ଧ୍ରୁବ ସାହୁ ଓ ରାଜ୍ୟ ବିଜେଡି ପର୍ଯ୍ୟବେକ୍ଷକ ଡ଼ ପ୍ରିୟବ୍ରତ ମାଝୀ ବିଜୟଙ୍କୁ ଶଙ୍ଖ ଉତ୍ତରୀୟ ପ୍ରଦାନ କରି ଦଳରେ ସାମିଲ କରିଥିଲେ ଓ ବିଜୟଙ୍କ ସହିତ ସିଂହଗାଁ ସରପଞ୍ଚ ଗଣେଶ ଦାସ, ସମିତି ସଭ୍ୟ ଅଭୟ ସ୍ୱାଇଁ, ପୂର୍ବତନ ସମିତି ସଭ୍ୟ ଜୟନ୍ତ ମଲ୍ଲିକ, ଅଣ୍ଡରା ନାଏବ ସରପଞ୍ଚ ବାବାଜୀ ମଲିକ, ପୂର୍ବତନ ନାଏବ ସରପଞ୍ଚ ପ୍ରଶାନ୍ତ ଜେନା, ଗଗନ ମହାଲିକ, ଜ୍ୟୋତିର୍ମୟୀ ବିଶ୍ୱାଳ, ଦଳିତ ସଂଘ ଜିଲ୍ଲା ସମ୍ପାଦକ ଶାନ୍ତନୁ ଦାସ, ଗାଙ୍ଗପଡ଼ା ସରପଞ୍ଚ ଅଶ୍ୱିନୀ ପାତ୍ର, ସମିତି ସଭ୍ୟା ସନ୍ଧ୍ୟାରାଣୀ ସେଠୀ, ନାଏବ ସରପଞ୍ଚ ମୌସୁମୀ ପରିଡ଼ା, ବାରୋ ସରପଞ୍ଚ ଗୋପୀନାଥ ମଲିକ, ସାନମାଣତିଆ ପୂର୍ବତନ ସରପଞ୍ଚ ଜୟପ୍ରକାଶ ଗିରି, ପଳସିଂହା ପୂର୍ବତନ ସମିତି ସଭ୍ୟ ଏମ୍ ଡି ନିଆତ, ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ, ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ଆବାହକ ପ୍ରଫେସର ଉମେଶ ପରିଡ଼ା ଓ ନଗର ବିଜେପି ଉପସଭାପତି ଦିବ୍ୟକାନ୍ତ ବିଶ୍ୱାଳ ପ୍ରମୁଖ ଶତାଧିକ ସମର୍ଥକ ବିଜେଡିରେ ସାମିଲ ହୋଇଥିଲେ। ଶଙ୍ଖ ଭବନରେ ମିଶ୍ରଣ ପର୍ବ ପରେ ସନ୍ଧ୍ୟାରେ ବିଜୟ କେତନ ରାଜନଗର ବିଧାୟକ ଧ୍ରୁବ ସାହୁ ଓ ରାଜ୍ୟ ବିଜେଡି ମୁଖପାତ୍ର ଡ଼ ପ୍ରିୟବ୍ରତ ମାଝୀଙ୍କ ସହିତ ନବୀନ ନିବାସ ଯାଇ ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ନବୀନ ଓଡ଼ିଆ ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଆଶୀର୍ବାଦ ଭିକ୍ଷା କରିଥିଲେ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜନୈତିକ ଜୀବନ ଆରମ୍ଭ କରିଥିବା ବିଜୟ କେତନ ନବେ ଦଶକରେ ତତ୍କାଳୀନ ଜନତା ଦଳ ସଭାପତି ଓ ବିଜେଡି ଗଠନ ଆରମ୍ଭରେ ଜିଲ୍ଲା ବିଜେଡି ସଭାପତି ଭାବେ କାର୍ଯ୍ୟ କରି ନିଜର ସାଂଗଠନିକ ଦକ୍ଷତା ଓ ରାଜନୈତିକ ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି। ପଟ୍ଟାମୁଣ୍ଡାଇ କୋର୍ଟ, ହସ୍ପିଟାଲ ଓ ସବ୍‌ଡିଭିଜନ ଆଦି ଦାବିନେଇ ବିଜୟ ବିଭିନ୍ନ ସମୟରେ ଆନ୍ଦୋଳନ କରି ଆସିଛନ୍ତି। ବିଜେଡିରେ ଯୋଗ ଦେବା ପରେ ବରିଷ୍ଠ ନେତା ଶ୍ରୀ ସ୍ୱାଇଁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ କର୍ମଭୂମି କେନ୍ଦ୍ରାପଡ଼ାରେ ବିଜେଡି ଲୋକସଭା ଆସନ ସହିତ ସମସ୍ତ ବିଧାନସଭା ଆସନରେ ବିପୁଳ ବିଜୟ ହାସଲ କରିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି।

**ନବୀନଙ୍କୁ ଭେଟି ଆଶୀର୍ବାଦ ନେଲେ**

# ପାରାଦୀପରେ ସ୍ପା ନାଁରେ ଚାଲିଛି ଦେହ ବେପାର

**ପାରାଦୀପ, ୨୧।୪(ସମିସ)**

- ନିୟୋଜିତ ହୋଇଛନ୍ତି ବଙ୍ଗୀୟ ଯୁବତୀ
- ଚଢ଼ଉ ବେଳେ ଟେର୍ ପାଉନି ପୁଲିସ



ପଶ୍ଚିମବଙ୍ଗରୁ ସୁନ୍ଦରୀ ଝିଅମାନଙ୍କୁ ଆଣି ପାରାଦୀପ ଅଞ୍ଚଳର ସ୍ପା ସେଣ୍ଟର ଗୁଡିକରେ ନିୟୋଜିତ କରାଯାଉଛି। ସ୍ପା ଓ ମସାଜ୍ ଆଳରେ ଚାଲିଛି ଖୋଲାଖୋଲି ଦେହ ବ୍ୟବସାୟ। ଏନେଇ ଦଲାଲମାନେ ପ୍ରଚୁର ଟଙ୍କା ରୋଜଗାର କରୁଛନ୍ତି। ଏଭଳି ଘଟଣା ପାରାଦୀପ ଅଞ୍ଚଳରେ ନୂଆ ନୁହେଁ। ଦୀର୍ଘଦିନ ହେବ ଦଲାଲମାନେ ପାରାଦୀପ ସହର ସମେତ ତାରିଣୀଗଡ଼ା, ଉଦୟ ବିହାର, ଜିରୋ ପଏଣ୍ଟ ଓ ପାରାଦୀପଗଡ଼ ଅଞ୍ଚଳରେ ମସାଜ ସେଣ୍ଟର ଓ ସ୍ପା ସେଣ୍ଟର ଆଳରେ ଦେହ ବ୍ୟବସାୟ କରୁଥିବା ଅଭିଯୋଗ ହେଉଛି। ଯେହେତୁ ପାରାଦୀପ ଏକ ଶିଳ୍ପଭିତ୍ତିକ ସହର, ଏଠାରେ ବାହାର ରାଜ୍ୟର ବହୁ ଶ୍ରମିକ କର୍ମଚାରୀ କାମ କରନ୍ତି। ଅଣ ଓଡିଆ ଲୋକଙ୍କ ଚଳପ୍ରଚଳ ମଧ୍ୟ ଅଧିକ ରହିଛି। ତେଣୁ ବେପାର ମଧ୍ୟ ଭଲ ହେଉଛି। ମାତ୍ର ପୁଲିସର ଭୂମିକାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଖୋଲାଖୋଲି ଏଭଳି କାରବାର ଚାଲିଥିବାବେଳେ ପୁଲିସ ପାଖରେ କିଭଳି ଖବର ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ନାଁ ସବୁଜାଣି ନ ଜାଣିଲା ଭଳି ଆଚରଣ କରୁଛି ତାକୁ ନେଇ ପ୍ରଶ୍ନ ଉଠୁଛି। କିଛିମାସ ତଳେ ଆଦର୍ଶ ଥାନା ପୁଲିସ ତାରିଣୀଗଡ଼ାର ଏକ ସ୍ପା ଉପରେ ଚଢଉ କରି କିଛି ଯୁବତୀ ଓ ଗ୍ରାହକଙ୍କୁ ଧରିଥିଲା। ପରେ କିନ୍ତୁ ସେମାନଙ୍କୁ ଛାଡ଼ି ଦେଇଥିଲା ବୋଲି ଚର୍ଚ୍ଚା ଜୋର ଧରିଥିଲା। ତେବେ କିଛିଦିନ ଧରି ଏହି ବେପାର ଏକ ପ୍ରକାର ଥମି ଯାଇଥିବା ବେଳେ କିଛି ଦଲାଲ ଗୋଷ୍ଠୀ ସ୍ପା ମାଲିକଙ୍କୁ ହାତ କରି ବେଶ କିଛି ଟଙ୍କା ରୋଜଗାର କରିବାକୁ ଯୋଜନା କରିଛନ୍ତି। ଏପରିକି ଏଥିରେ ପୁଲିସର ବି ଭାଗ ରହିଥିବା ଚର୍ଚ୍ଚା ହେଉଛି। ଅଠରବାଙ୍କୀରୁ ପାରାଦୀପଗଡ଼ ମଧ୍ୟରେ ମୁଖ୍ୟ ରାସ୍ତା କଡରେ ଅନେକ ସ୍ପା ସେଣ୍ଟର ଖୋଲିଛି। ବିଶେଷ କରି ଅନେକ ଦିନ ହେବ ପାରାଦୀପ ତାରିଣିଗଡ଼ା ଠାରୁ ନେଇ ଇଫ୍‌କୋ ଛକ ଭିତରେ ବହୁ ସ୍ଥାନରେ ସ୍ପା ନାଁରେ ଚାଲିଛି ଦେହ ବେପାର। ଅନେକ ଥର ଏନେଇ ପ୍ରଶାସନ ପାଖରେ ଖବର ଥିଲେ ମଧ ବି କିଛି କାର୍ଯ୍ୟାନୁଷ୍ଠାନ ନାହିଁ। ବଙ୍ଗୀୟ ଯୁବତୀଙ୍କୁ ଆଣି ମାସ ମାସ ଧରି ସ୍ପା ନାଁରେ ଦେହ ବେପାର କରି ଆସୁଛନ୍ତି। ସ୍ପା ଭିତରୁକୁ ଏଣ୍ଟ୍ରି କଲେ ୧୦୦୦ ଟଙ୍କା ରୁ ୨୫୦୦ ଟଙ୍କା ଯାଏଁ ସ୍ପା ମାଲିକ ନେଉଥିଲା ବେଳେ ରୁମ୍ ଭିତରେ ବଙ୍ଗୀୟ ଯୁବତୀ ୩୦୦୦ ରୁ ୪୦୦୦ ଯାଏଁ ଡିମାଣ୍ଡ କରନ୍ତି। ତେବେ ଅନୈତିକ କାର୍ଯ୍ୟ ପାଇଁ ଯଦି କେହି ଜାହାଜରୁ ଗରାଖ ଆଣି ଆସନ୍ତି ତେବେ ଏହା ୨ରୁ ୩ ଗୁଣ ବଢ଼ି ୧୦ ହଜାର ଯାଏଁ ଡିଲ୍ ହେଇଥାଏ। ଏହା ଦିନ ରାତି ସବୁବେଳେ ଖୋଲାଯାଏ। ଯଦି କେହି ବ୍ୟକ୍ତି ରାତିରେ ତାରକା ହୋଟେଲ୍‌କୁ ନେବାକୁ ଚାହେଁ ତେବେ ସେଠାରେ ଖୁବ୍ ଅଧିକ ଅର୍ଥ ନିଆଯାଇ ଠିକଣା ଜାଗାରେ ପହଞ୍ଚାଇ ଦିଆଯାଇଥାଏ। ତେବେ ଏଭଳି ସ୍ଥିତିରେ ପୁଲିସ ପ୍ରଶାସନ ଚୁପ ରହିବା ଓ ମଦୁଆଙ୍କ ଭିଡ଼ ପାରାଦ୍ୱୀପ ସହରରେ ବଢ଼ି ଚାଲିବା ଉନ୍ନତ ଶିଳ୍ପ ଭିତ୍ତିକ ସହର ପାଇଁ ବିପଦ ଆଣିବ ଏଥିରେ ଦ୍ୱିମତ ନାହିଁ। ଗରାଖଙ୍କୁ ଡାକି ଦାମ ଛିଣ୍ଡାଇବା ଭଳି ଅଡିଓ ଏବେ ପାରାଦୀପ ଅଞ୍ଚଳରେ ମୋବାଇଲରୁ ମୋବାଇଲକୁ ଭାଇରାଲ ହେଉଥିବା ସାମ୍ନାକୁ ଆସୁଛି। ତୁରନ୍ତ ଏଥିପ୍ରତି ପୁଲିସ ଦୃଷ୍ଟି ଦେବାକୁ ଦାବି ହେଉଛି।

**● ପୁଣି ବିବାଦରେ ଅବକାରୀ ବିଭାଗ; ତଥ୍ୟ ଦେଉନି**

# ଠିପି ବନ୍ଦ ଦୋକାନ ନିକଟରୁ ବିପୁଳ ଦେଶୀମଦ ଜବତ

**କେନ୍ଦ୍ରାପଡ଼ା, ୨୧।୪(ସମିସ):** ପୁଣି ବିବାଦରେ ଅବକାରୀ ବିଭାଗ। ବର୍ଷ ବର୍ଷ ଧରି ବେଆଇନ ଭାବେ ଏକ ଠିପି ବନ୍ଦ କାଉଣ୍ଟର ପାଖରେ ଦେଶୀ ମଦ ବିକ୍ରୀ ହେଉଥିଲା। ଏନେଇ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ କୌଣସି ବିଭାଗୀୟ କାର୍ଯ୍ୟାକ୍ଷନୁଷ୍ଠାନ ହେଉନଥିଲା। ତେବେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ ପରେ ଆଜି ବାଧ୍ୟ ହୋଇ ବିଭାଗ ଚଢଉ କରିଥିଲା। ତେବେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ବିପୁଳ ପରିମାଣର ଦେଶୀ ମଦ ଜବତ କରିଛି। ଅବକାରୀ ବିଭାଗ ଜିଲ୍ଲାର ମହାକାଳପଡ଼ା ସ୍ଥିତ ସରକାରୀ ଠିପିବନ୍ଦ ମଦ ଦୋକାନ ପାଖ ଏକ ହୋଟେଲ ନିକଟରେ ଥିବା ଏକ ଘରୁ ବିପୁଳ ପରିମାଣର ଦେଶୀମଦ ଜବତ କରିବା ସହ ସେହିସବୁ ଦେଶୀମଦ ପେଟିକୁ ଏକ ୪୦୭ ମିନି ଟ୍ରକ୍‌ରେ ବୋଝେଇ କରି କେନ୍ଦ୍ରାପଡ଼ା ଅବକାରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ନେଇ ଆସିଥିଲେ। ପ୍ରାୟ ୧୫୦ପେଟି ଚୋରା ଦେଶୀମଦ ଅବକାରୀ ବିଭାଗ ଜବତ କରିଥିବା ସୂଚନା ମିଳିଛି। ଏଥିସହିତ ଦୁଇ ଜଣ ଖୁଚୁରା ଦେଶୀମଦ ଚୋରାବେପାରୀଙ୍କୁ ମଧ୍ୟ ଗିରଫ କରି କେନ୍ଦ୍ରାପଡ଼ାକୁ ଆଣିଛନ୍ତି। ମଦ ଜବତ ସମୟରେ ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ସିଭିଲ ଡ୍ରେସରେ ଥିବା ଦେଖିବାକୁ ମିଳିଥିଲା। ସବୁଠୁ ଆଶ୍ଚର୍ଯ୍ୟ ଜନକ ବିଷୟହେଉଛି ଜବତ ବେଳେ ମହାକାଳପଡ଼ାରେ ଉପସ୍ଥିତ ପୁରୁଷ ଓ ମହିଳା ଅଧିକାରୀ ଚୋରା ଦେଶୀମଦ ଜବତ ସମ୍ପର୍କରେ କେନ୍ଦ୍ରାପଡ଼ାରେ ସୂଚନା ଦିଆଯିବ ବୋଲି ସାମ୍ବାଦିକମାନଙ୍କୁ କହିଥିବା ବେଳେ କେନ୍ଦ୍ରାପଡ଼ାରେ ପହଞ୍ଚିବା ପରେ ଚୋରାଦେଶୀମଦ ଜବତ ସମ୍ପର୍କରେ କୌଣସି ସୂଚନା ଦେବାକୁ ମନା କରିଦେଇଥିଲେ।

ନିକଟରେ କେନ୍ଦ୍ରାପଡ଼ାର ପୂର୍ବତନ ଅବକାରୀ ଅଧୀକ୍ଷକ ଦେବୀ ପ୍ରସାଦ ମିଶ୍ରଙ୍କୁ ଲାଞ୍ଚ ମାଗିବା ଘଟଣାରେ ନିଲମ୍ବିତ କରାଯାଇଥିବା ବେଳେ ଏବେ ଅବକାରୀ ବିଭାଗର ଅଧସ୍ତନ ଅଧିକାରୀଙ୍କ ଚୋରା ମଦ ଜବତ ସମ୍ପର୍କରେ ସାମ୍ବାଦିକଙ୍କୁ ସୂଚନା ନଦେବା ଘଟଣା ସାଧାରଣରେ ଅବକାରୀ ବିଭାଗର ପ୍ରତି ସନ୍ଦେହ ସୃଷ୍ଟି କରିଛି।

# ଅଂଶୁଘାତରେ ଚାଷୀଙ୍କ ମୃତ୍ୟୁ ଅଭିଯୋଗ

**ରାଜକନିକା, ୨୧।୪(ସମିସ):** ଦିନକୁ ଦିନ ପାରଦ ବଢ଼ି ବଢ଼ି ଚାଲିଥିବା ବେଳେ ଗ୍ରୀଷ୍ମପ୍ରବାହରେ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି। ରବିବାର ବିଲକୁ ଯାଇଥିବା ଜଣେ ଚାଷୀଙ୍କ ଫେରିବା ବାଟରେ ବଣରେ ପଡ଼ି ମୃତ୍ୟୁ ଘଟିଛି। ଏହା ଅଂଶୁଘାତଜନିତ ମୃତ୍ୟୁ ବୋଲି ଅନୁମାନ କରାଯାଉଛି। ମୃତକ ହେଲେ ରାଜକନିକା ଥାନା ଅନ୍ତର୍ଗତ ବର୍ତ୍ତନୀ ଗାଁର ପୁରୁଷୋତ୍ତମ ବିଶ୍ୱାଳ। ସେ ସକାଳୁ ଘରୁ ବାହାରି ବିଲକୁ ଯାଇଥିବା ବେଳେ ଆଉ ଫେରି ନ ଥିଲେ। ବହୁ ଖୋଜା ଖୋଜି ପରେ ପୁରୁଷୋତ୍ତମଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଏକ ବଣ ପାଖରୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ରାଜକନିକା ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁରୁଷୋତ୍ତମଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

# ବଡ଼କୁଳ ପଞ୍ଚାୟତ ବିଜେପି କର୍ମୀ ବିଜେଡିରେ



**ମାର୍ଶାଘାଇ, ୨୧।୪(ସମିସ):** ମାର୍ଶାଘାଇ ଜୁଣଛକ-କ୍ରସିଂ ରୋଡ୍ ମାଳତୀ ପ୍ୟାଲେସରେ ବିଜେଡିର ମିଶ୍ରଣ ପର୍ବ ଅତନୁ ସବ୍ୟସାଚୀ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନାଭିମୁଖି ଯୋଜନା ଓ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ସାମଗ୍ରୀକ ବିକାଶ ଧାରା ପ୍ରତି ଆକୃଷ୍ଟ ହୋଇ ବଡପୁଲ ପଞ୍ଚାୟତ ବିଜେପି ଶତାଧିକ କର୍ମୀ ଦେବେନ୍ଦ୍ର ପ୍ରସାଦ ମହାପାତ୍ର(ସାଦେଇଭାଇ), ନିମାଇଁ ଚନ୍ଦ୍ର ରାଉତ, ନରେନ୍ଦ୍ର ସାମଲ, ଅଭୟ କୁମାର ସ୍ୱାଇଁ, ରମେଶ ସ୍ୱାଇଁ, କେଶବ ଚନ୍ଦ୍ର ସ୍ୱାଇଁ, କ୍ଷୀରୋଦ ପ୍ରଧାନ, ଶ୍ରୀଧର ପ୍ରଧାନ, ସୁମନ୍ତ ପ୍ରଧାନ, କାବୁଲା ମହାପାତ୍ର, ମୁରଲୀ ସ୍ୱାଇଁଙ୍କ ସମେତ ଯୁବକ ଓ ମହିଳା କର୍ମୀ ବିଜେଡିରେ ସାମିଲ ହୋଇଥିବା କହିଥିଲେ। ମହାକାଳପଡ଼ା ବ୍ଲକ ଅଧକ୍ଷା କଳ୍ପନା ରାଉତ, ଜିଲ୍ଲାପରିଷଦ ସଭ୍ୟ ସୁବୋଧ ଲେଙ୍କା, ସରପଞ୍ଚ ପ୍ରଜ୍ଞା କର, ମହାକାଳପଡ଼ା ବ୍ଲକ ଆମ୍ ଅଧକ୍ଷ ବିଜୟ ଜେନା, ମାର୍ଶାଘାଇ ବ୍ଲକ ବିଜେଡି ସଭାପତି ସଞ୍ଜୟ କୁମାର ଲେଙ୍କା, ଆର୍‌ସିଏମ୍‌ସି ପ୍ରଫୁଲ୍ଲ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ।

# ଦୁର୍ଦ୍ଧାନ୍ତ ଅପରାଧୀ କାଳିଆ ଜେନା ଗିରଫ

**ଜଗତସିଂହପୁର, ୨୧।୪(ସମିସ):** ଦୁର୍ଦ୍ଧାନ୍ତ ଅପରାଧୀ କାଳିଆ ଜେନାକୁ ଜଗତସିଂହପୁର ପୁଲିସ ପକ୍ଷରୁ ଗିରଫ କରାଯାଇଛି। ତା' ନିକଟରୁ ଏକ ମରଣାସ୍ତ୍ର ମଧ ଜବତ ହୋଇଛି। ପୁଲିସ ସୂଚନା ଅନୁସାରେ, ଗତ ମାର୍ଚ୍ଚ ୧୦ରେ ଜଗତ୍‌ସିଂହପୁର ଥନା ଅନ୍ତର୍ଗତ ତରତଂଗ ପଞ୍ଚାୟାତ ଅନ୍ତର୍ଗତ ତୋଟାପଡ଼ାର ଦୁର୍ଗା ଚରଣ ମଲ୍ଲିକ ସ୍ଥାନୀୟ ଅଞ୍ଚଳର ବାବୁ ଭୋଇକୁ ମଜୁରୀ ଟଙ୍କା ଦେବାକୁ ତରତଂଗ ସ୍କୁଲ ଛକରେ ଥିଲେ। ସେହି ସମୟରେ କାଳିଆ ଓରଫ୍ ସୌଭାଗ୍ୟ ରଞ୍ଜନ ଜେନା ତାଙ୍କୁ ଟଙ୍କା ମାଗିଥିଲା। ତାଙ୍କୁ ଜାତିକୁ ନେଇ ଗାଳିଦେବା ସହିତ ଜୀବନରେ ମାରିଦେବାକୁ ଧମକ ଦେଇଥିଲା। ଦୁର୍ଗା ଚରଣ ବିରୋଧ କରିବାକୁ କାଳିଆ କଟୁରୀରେ ମରଣାନ୍ତକ ଆକ୍ରମଣ କରିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ଜଗତସିଂହପୁର ଜିଲ୍ଲା ହସପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ କଟକ ବଡ ମେଡିକାଲକୁ ପଠାଯାଇଥିଲା। ସେବେଠାରୁ କାଳିଆ ଫେରାର ଥିଲା। ଏନେଇ ଦୁର୍ଗାଚରଣଙ୍କ ସ୍ତ୍ରୀ ରୀନା ମଲ୍ଲିକ ଜଗତସିଂହପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଗତକାଲି ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ତାଙ୍କୁ କଟକର ଜଗତପୁର ଅଞ୍ଚଳରୁ ଗିରଫ କରିଥିଲା। ଆଜି ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି।

**■ ବେଆଇନ ବାଲି ଉଠାଣ ମାମଲା**

# ବାଲିମାଫିଆଙ୍କ ସମେତ ୩ ଚାଳକ ଗିରଫ

**ଜଗତସିଂହପୁର, ୨୧।୪(ସମିସ):** ବେଆଇନ ବାଲି ଉଠାଣ ମାମଲାରେ ବାଲି ମାଫିଆ ଓ ତାର ୩ ଚାଳକଙ୍କୁ ଜଗତସିଂହପୁର ପୁଲିସ ଗିରଫ କରିଛି। ଏଥିସହିତ ତିନଟି ହାଇୱା ଓ ଗୋଟିଏ ଜେସିବି ମେସିନ ମଧ୍ୟ ଜବତ ହୋଇଛି। ଗତ ଏପ୍ରିଲ ୧୨ ତାରିଖରେ ଜଗତସିଂହପୁର ଥାନାର ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ବେଆଇନ ବାଲି ଚଲାଣକୁ ରୋକିବାକୁ ବାଲି ମାଫିଆଙ୍କ ବ୍ୟବସାୟ ସ୍ଥଳ ଉପରେ ଚଢଉ କରିଥିଲା। ମାଫିଆମାନେ ବ୍ୟବସାୟ ସ୍ଥଳ ଛାଡି ଫେରାର ହୋଇଯାଇଥିଲେ। ପୁଲିସ ୩ ହାଇୱା ଓ ଗୋଟିଏ ଜେସବି ଜବତ କରିଥିଲା। ପରେ ପୁଲିସ ପକ୍ଷରୁ ଏଥିରେ ସମ୍ପୃକ୍ତ ମରିଚିପଡ଼ାର ରାଜା ଆଲିୟାସ ସେକ ଲୋକମାନ, ମୁକୁନ୍ଦପୁରର ରାଜୁ ଆଲିୟାସ ରାଜକିଶୋର ସାମଲ, ନିନିଗାଁର ରଞ୍ଜନ ସାମଲ, ଚାନ୍ଦୋଳର ଅତିଥି ସାସମଲଙ୍କୁ ଗିରଫ କରିବା ସହିତ ଆଜି ସେମାନଙ୍କୁ କୋର୍ଟ ଚାଲଣ କରିଥିବା ସୂଚନା ମିଳିଛି।

# ଭିତରକନିକାରେ ୨୧୮ ମ୍ୟାନ୍‌ଗ୍ରୁଭ୍ ପିଟା



**ରାଜନଗର, ୨୧।୪(ସମିସ):** ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନରେ ମ୍ୟାନଗ୍ରୁଭ ପିଟା ବା ନବରଙ୍ଗୀ ଚଢେଇଙ୍କ ଗଣନା ଶେଷ ହୋଇଛି। ଗତକାଲି ଗୋଟିଏ ଦିନରେ ୩୬ଟି ଟିମରେ ୭୨ଜଣ ବନକର୍ମଚାରୀ ୫ଟି ରେଞ୍ଜରେ ଏହି ବିରଳ ପକ୍ଷୀଙ୍କ ଗଣନା କରିଥିଲେ। ସକାଳେ ଓ ଅପରାହ୍ନରେ ଏହି ପକ୍ଷୀ ଗଣନା କରାଯାଇଥିଲା। ଗଣନାରେ ଭିତରକନିକା ଜାତୀୟ ଉଦ୍ୟାନର ୫ଟି ରେଞ୍ଜ ମଧ୍ୟରୁ ୩ଟି ରେଞ୍ଜରେ ୨୧୮ ମ୍ୟାନଗ୍ରୁଭ ପିଟା ଚଢେଇଙ୍କୁ ଗଣନା ବେଳେ ଚିହ୍ନଟ କରାଯାଇଛି। ଗହୀରମଥା ଓ କୁଜଙ୍ଗ ରେଞ୍ଜରେ ମ୍ୟାନଗ୍ରୁଭ ପିଟା ଚଢେଇଙ୍କୁ ଦେଖିବାକୁ ମିଳିନଥିବା ବେଳେ ମହାକାଳପଡ଼ା, ରାଜନଗର ଓ କନିକା ରେଞ୍ଜରେ ୨୧୮ଟି ଏହି ବିରଳ ପକ୍ଷୀଙ୍କୁ ଦେଖିବାକୁ ମିଳିଥିଲା। କନିକା ରେଞ୍ଜର ଭିତରକନିକା ଫରେଷ୍ଟ ବ୍ଲକ ଅଞ୍ଚଳରେ ସର୍ବାଧିକ ୩୨ଟି ମ୍ୟାନଗ୍ରୁଭପିଟା ଚଢେଇଙ୍କୁ ଚିହ୍ନଟ କରାଯାଇଥିଲା। ଗତବର୍ଷ ଠାରୁ ଭିତରକନିକା ଜାତୀୟ ଉଦ୍ୟାନରେ ଏହି ପକ୍ଷୀଙ୍କର ଗଣନା କରାଯାଉଛି। ଗତବର୍ଷ ୧୭୯ଟି ପକ୍ଷୀ ଚିହ୍ନଟ ହୋଇଥିବା ବେଳେ ଚଳିତବର୍ଷ ଏହି ସଂଖ୍ୟା ୨୧୮କୁ ବୃଦ୍ଧି ପାଇଛି। ଅର୍ଥାତ୍ ଗତବର୍ଷ ଠାରୁ ୩୯ଟି ପକ୍ଷୀ ଅଧିକ ଚିହ୍ନଟ କରାଯାଇଛି। ଏହି ନବରଙ୍ଗୀ ଚଢେଇ ବା ମ୍ୟାନଗ୍ରୁଭ ପିଟା ଚଢେଇଙ୍କ ଦେହରେ ଇନ୍ଦ୍ରଧନୁ ପରି ୯ଟି ରଙ୍ଗ ଦେଖିବାକୁ ମିଳିଥାଏ। ତାର ମୁଣ୍ଡ ଓ ପେଟ କମଳା ରଙ୍ଗ ହୋଇଥିବା ବେଳେ ଲାଞ୍ଜ ଲାଲ ହୋଇଥାଏ। ଆଖି ପାଖରେ କଳା ରଙ୍ଗ ଥିବାବେଳେ ଡେଣାରେ ଧଳା, ନୀଳ ଓ ଧୂଷର ମିଶ୍ରିତ ରଙ୍ଗ ଦେଖିବାକୁ ମିଳେ। ତେଣୁ ଓଡ଼ିଶାରେ ଏହାକୁ ନବରଙ୍ଗୀ ଚଢେଇ କୁହାଯାଇଥାଏ।

# ବିପର୍ଯ୍ୟସ୍ତ ଦୋମଣ୍ଡା-କନପୁର ପ୍ରଧାନମନ୍ତ୍ରୀ ସଡ଼କ

**ରାଜକନିକା, ୨୧।୪(ସମିସ)**



ରାଜକନିକା ଗ୍ରାମ୍ୟ ଉନ୍ନୟନ ବିଭାଗ ଅନ୍ତର୍ଗତ ଉପାନ୍ତଞ୍ଚଳ ଦୋମଣ୍ଡାରୁ କନପୁର ପ୍ରଧାନମନ୍ତ୍ରୀ ସଡ଼କ ଏବେ ରକ୍ଷଣାବେକ୍ଷଣ ଅଭାବରୁ ମରଣଯନ୍ତା ପାଲଟି ଗଲାଣି। ଫଳରେ ଯାତାୟାତରେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ଲୋକେ। ଏ ସମ୍ପର୍କରେ ବହୁବାର ଯେତେ ଗୁହାରି କଲେ ବି କିଛି ସୁଫଳ ମିଳୁନଥିବା ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହେଉଛି।

ସୂଚନା ଅନୁସାରେ ଦୋମଣ୍ଡାରୁ କନପୁର ପ୍ରଧାନମନ୍ତ୍ରୀ ରାସ୍ତା ଏବେ ଖାଲ ଖମାରେଭ ଭର୍ତ୍ତି ହୋଇଗଲାଣି। ପ୍ରତ୍ୟେକ ଦିନ ଏହି ରାସ୍ତାରେ ଛୋଟ ବଡ ଦୁର୍ଘଟଣା ଘଟୁଛି। ଏଥିପାଇଁ ତୀବ୍ର ଅସନ୍ତୋଷ ବି ପ୍ରକାଶ ପାଇଛି। ସିଧାସଳଖ ଶୈବପୀଠ ଆଖଣ୍ଡଳମଣି ଆରଡିକୁ ଯୋଡୁଥିବା ଏହି ରାସ୍ତାରେ ଓଡ଼ିଶାର କୋଣ ଅନୁକୋଣରୁ ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଆସିଥାନ୍ତି। ତା ସହିତ ପଡୋଶୀ ଜିଲ୍ଲା ଯାଜପୁରର କୟାଁଗୋଲା, ମଙ୍ଗଳପୁର, କଟିକଟା, ରାମବାଗ ପ୍ରମୁଖ ସ୍ଥାନମାନଙ୍କୁ ମଧ ଏହି ରାସ୍ତା ଦେଇ ଯିବାକୁ ହୋଇଥାଏ। ସେହିଭଳି ଭଦ୍ରକ, ଚରମ୍ପା, ବାଲେଶ୍ୱର ଭଳି ସହରକୁ ଯିବାକୁ ହେଲେ ଏହି ରାସ୍ତା ହିଁ ପ୍ରମୁଖ ରାସ୍ତା। ହେଲେ ଏହି ପ୍ରମୁଖ ରାସ୍ତା ଏବେ ମରଣଯନ୍ତା ପାଲଟି ଗଲାଣି। ରାସ୍ତା ସାରା ଗାଡ଼ ଆଉ ଗାଡ଼। ଦୁଇରୁ ତିନିଫୁଟ ଯାଏ ଏହି ଗାଡରେ ପଡ଼ିଲେ କଥା ସରିଲା। ଏହାଛଡା ପିଚୁ ରାସ୍ତାର ଚିହ୍ନବର୍ଣ୍ଣ ବି ନାହିଁ। ରାସ୍ତା ସାରା ଗୋଡି ସବୁ ବିଛାଡି ହୋଇ ପଡ଼ିଛି। ଦୋମଣ୍ଡାରୁ କନପୁର ଯାଏ ମାତ୍ର ତିନି କିମି ଦୂରତାକୁ ଅତିକ୍ରମ କରିବାକୁ ଗାଡି ମଟରକୁ ନାକେଦମ୍ ହେବାକୁ ପଡୁଛି। ଶୈବପୀଠ ଆରଡିକୁ ଆସୁଥିବା ଗାଡି ଖାଲରେ ପଡ଼ି ଫସିରହୁଛି। ବର୍ଷା ହେଲେ ତ କଥା ସରିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଅଞ୍ଚଳଟି ସମ୍ପୂର୍ଣ୍ଣ ଭାବେ ଉପାନ୍ତ ଅଞ୍ଚଳ ହୋଇଥିବାରୁ ଏଠାକାର ସଙ୍ଗୀନ ଅବସ୍ଥା ପ୍ରତି ପ୍ରଶାସନର ଅଣଦେଖା ସବୁବେଳେ ରହି ଆସିଛି ବୋଲି ଅଭିଯୋଗ ହେଉଛି। ଏଠାରେ ଏଭଳି ସମସ୍ୟା ଥିଲେ ବି ରାଜକନିକା ଗ୍ରାମ୍ୟ ଉନ୍ନୟନ ବିଭାଗ ସତେ ଯେମିତି କୁମ୍ଭକର୍ଣ୍ଣ ନିଦରେ ଶୋଇ ଯାଇଛି। ଅପରପକ୍ଷରେ କିଛିଦିନ ପୂର୍ବରୁ ବିଭାଗ ପକ୍ଷରୁ ଗାତମାନଙ୍କରେ କେବଳ ଡଷ୍ଟ ପକାଯାଇ ଭରଣା କରାଯାଇଥିଲେ ବି ତାହା ପର୍ଯ୍ୟାପ୍ତ ନୁହେଁ। ପୂର୍ବପରି ଗାତ ଗୁଡିକ ସ୍ପଷ୍ଟ ଭାବେ ଦୃଶ୍ୟମାନ ହେଉଛି। ତୁରନ୍ତ ଏହି ବ୍ୟସ୍ତବହୁଳ ରାସ୍ତାଟିକୁ ପୁନରୁଦ୍ଧାର ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଅନ୍ୟଥା ଆଗାମୀ ଦିନରେ ଏହି ପ୍ରସଙ୍ଗକୁ ନେଇ ପ୍ରଶାସନିକ କାର୍ଯ୍ୟାଳୟ ଘେରାଉ କରିବାକୁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

# ପଞ୍ଚୁପାଣ୍ଡବ-ସଦାନନ୍ଦପୁର ରାସ୍ତା ଶୋଚନୀୟ



**ପଞ୍ଚୁପାଣ୍ଡବ, ୨୧।୪(ସମିସ):** ଡେରାବିଶ ବ୍ଲକ ଅନ୍ତର୍ଗତ ଚଣ୍ଡିଖୋଲ-ପାରାଦ୍ୱୀପ ୫୩ ନଂ ଜାତୀୟ ରାଜପଥର ପଞ୍ଚୁପାଣ୍ଡବ ଛକଠାରୁ ସଦାନନ୍ଦପୁର ପର୍ଯ୍ୟନ୍ତ ୫ କିଲୋମିଟର ରାସ୍ତା ମରଣଯନ୍ତା ହୋଇପଡ଼ିଛି। ଆରଡି ବିଭାଗ ଅଧିନରେ ଥିବା ଏହି ରାସ୍ତାଟିରେ ଉଭୟ କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲାର ବହୁ ପଞ୍ଚାୟତବାସୀ ଦୈନିକ ସ୍କୁଲ କଲେଜ, ଡାକ୍ତରଖାନା ଓ ଅନ୍ୟ ନିତ୍ୟବ୍ୟବହାର କାର୍ଯ୍ୟ ନିମନ୍ତେ ବ୍ୟବହାର କରିଥାନ୍ତି। ଏହି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିବା ଯୋଗୁ ଛୋଟିରୁ ପଞ୍ଚୁପାଣ୍ଡବ ବାଟଦେଇ କଟକ ଯିବା ଆସିବା କରୁଥିବା ବସ୍‌ଟିକୁ ଯାତ୍ରୀମାନଙ୍କୁ ନେଇ ଯିବାକୁ ବହୁ ହଇରାଣ ହେବାକୁ ପଡୁଛି। ଏହି ୫ କିଲୋମିଟର ରାସ୍ତା ଉପରେ ଶହଶହ ଗାତ ସୃଷ୍ଟି ହେବା ସହିତ ବହୁ ସ୍ଥାନରେ ପିଚୁ ଉଠି ମେଷ୍ଟାଲ ଏଣେ ତେଣେ ପଡୁଥିବାରୁ ବହୁ ଦୁର୍ଘଟଣା ଘଟୁଛି। ଏହି ରାସ୍ତାଟି ଉଭୟ କେନ୍ଦ୍ରାପଡ଼ା ଓ କଟକ ଜିଲ୍ଲା ଅଧିନରେ ରହୁଥବାରୁ ଅଧିକାରୀମାନଙ୍କର ଦାୟିତ୍ୱହୀନତା ମନୋଭାବ ଯୋଗୁ ରାସ୍ତାଟି ଏପରି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଯଥାଶୀଘ୍ର ଏହି ରାସ୍ତା ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବିଜେଡିର ଜୋନ୍‌ସ୍ତରୀୟ ସାଂଗଠନିକ ବୈଠକ

କଣିହାଁ, ୨୧।୪(ସମିସ)



ତାଳଚେର ନିର୍ବାଚନ ମଣ୍ଡଳୀ କଣିହା ବ୍ଲକ ଜିଲ୍ଲା ପରିଷଦ ଜୋନ ୯ ଅଧୀନସ୍ଥ ୮ ଟି ପଞ୍ଚାୟତର ବିଭିନ୍ନ ସ୍ଥାନରେ ବିଜେଡି ସାଙ୍ଗଠନିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ତାଳଚେର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳର ବିଧାୟକ ପାର୍ଥୀ ବ୍ରଜ କିଶୋର ପ୍ରଧାନ, ୧୮ ନଂ ଜୋନ ଜିଲ୍ଲା ପରିଷଦ ଅମିୟ କୁମାର ପ୍ରଧାନ, ୧୯ନଂ ଜୋନ ଜିଲ୍ଲା ପରିଷଦ ବିଭୁ ପ୍ରସାଦ ପତି, ୧୯ନଂ ଜୋନ ପର୍ଯ୍ୟବେକ୍ଷକ ସୁଶାନ୍ତ ମହାନ୍ତି, ୯ ନଂ ଜୋନ ଜିଲ୍ଲା ପରିଷଦ ରଞ୍ଜନ ସାହୁ, କଣିହା ବ୍ଲକ ଉପାଧକ୍ଷା ଜୟନ୍ତୀ ପ୍ରଧାନ, କାର୍ଯ୍ୟକାରୀ ସଭାପତି ସୁନିଲ କୁମାର ପ୍ରଧାନ, ଅନୁଗୋଳ ବିଜୁ ଯୁବ ଜନତା ଦଳର ଉପସଭାପତି ଲିପୁନ ଭୁକ୍ତା ପ୍ରମୁଖ ଯୋଗଦାନ କରିଥିଲେ। ଆଗାମୀ ସାଧାରଣ ନିର୍ବାଚନ ଯୋଗୁଁ ବିଜୁ ଜନତା ଦଳର ଦଳୀୟ ସଂଗଠନକୁ ସୁଦୃଢ଼ କରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଜନହିତକର ଯୋଜନା ଭୋଟରଙ୍କ ନିକଟରେ ପହଞ୍ଚାଇ ସଂଗଠନ ତୃଣମୂଳ ସ୍ତରରେ ମଜଭୁତ କରିବାକୁ ଶ୍ରୀ ପ୍ରଧାନ କହିଥିଲେ। ଏହି କାର୍ଯ୍ୟକ୍ରମରେ କଣିହାଁ ବ୍ଲକର ବହୁ ବିଜେପି କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଧାୟକ ତାଳଚେର ବ୍ରଜକିଶୋର ପ୍ରଧାନଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳରେ ଯୋଗଦାନ କରିଥିଲେ। ଏଥିରେ କଣିହା ଜରଡ଼ା, ବଡ଼ଗୁଣ୍ଡୁରୀ, ବଡ଼ତ୍ରିବିଡ଼ା, ସାନତ୍ରିବିଡ଼ା, କମରେଇ, ବିଜିଗୋଳ, ଗଦାଶିଳା ପଞ୍ଚାୟତର କାର୍ଯ୍ୟକର୍ତ୍ତାଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ।

## ■ ପେନସନ ପାଇଁ ଲାଞ୍ଚନେବା ପଡ଼ିଲା ମହଙ୍ଗା

# ବାଇଁଶିଆ ସରକାରୀ ବିଦ୍ୟାଳୟ କିରାଣି ଚାକିରିରୁ ବହିଷ୍କୃତ

ଢେଙ୍କାନାଳ, ୨୧।୪ (ସମିସ) : ଢେଙ୍କାନାଳ ଜିଲ୍ଲାର ଭୁବନ ବ୍ଲକ ଅନ୍ତର୍ଗତ ବାଇଁଶିଆ ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟର ଜୁନିଅର ଆସିଷ୍ଟାଣ୍ଟ ଗଗନ ବିହାରୀ ସାହୁଙ୍କୁ ଏକ ଲାଞ୍ଚ ନେବା ଘଟଣାରେ ଚାକିରିରୁ ବହିଷ୍କୃତ କରାଯାଇଥିବା ଜଣାପଡ଼ିଛି। ବାଇଁଶିଆ ସରକାରୀ ଉଚ୍ଚ ବିଦ୍ୟାଳୟର ଜୁନିଅର ଆସିଷ୍ଟାଣ୍ଟ ଗଗନ ବିହାରୀ ସାହୁ ବିଦ୍ୟାଳୟରୁ ଅବସର ନେଇଥିବା ଜନୈକ ସରକାରୀ କର୍ମଚାରୀଙ୍କ ଠାରୁ ପେନସନ ନିୟମିତ କରିବାକୁ ଲାଞ୍ଚ ମାଗିଥିଲେ। ଏହି ଘଟଣାରେ ଭିଜିଲାନ୍ସକୁ ଜଣାଇବା ପରେ ଗତ ୨୦୦୯ ମସିହାରେ ଭିଜିଲାନ୍ସ ଚଢ଼ଉ କରିବା ସହିତ କଟକ ଭିଜିଲାନ୍ସ ବିଭାଗ ତରଫରୁ ୧୮/୨୦୦୯ ଦଫା ୟୁଏସ୧୩(୨) ଆର/ଡବ୍ଲ୍ୟୁ୧୩(୧)(ଡି)/୭ପିସି ଆଇନ ୧୯୯୮ ଅନୁସାରେ ମାମଲା ରୁଜୁ କରି ଗତ ୨୦୨୩ ମସିହା ମଇ ୧୦ ତାରିଖ ଦିନ ଢେଙ୍କାନାଳ ଭିଜିଲାନ୍ସ ସ୍ପେଶାଲ ଜଜ କିରାଣିଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ୨ ବର୍ଷ ସଶ୍ରମ କାରାଦଣ୍ଡ ଓ ୨୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଥିଲେ। ଜରିମାନା ଅନାଦେୟ ଅଧିକ ୬ମାସ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଓଡ଼ିଶା ଭିଜିଲାନ୍ସ ତରଫରୁ ଏହି ମାମଲା ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ। ଭିଜିଲାନ୍ସର ଅଭିଯୋଗକୁ ଆଧାର କରି ୨୦ ତାରିଖରେ ବାଇଁଶିଆ ସରକାରୀ ଉଚ୍ଚ ବିଦ୍ୟାଳୟର ଜୁନିଅର ଆସିଷ୍ଟାଣ୍ଟ ଗଗନ ବିହାରୀ ସାହୁଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଥିବା କଟକ ଭିଜିଲାନ୍ସ ବିଭାଗ ତରଫରୁ ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ଦର୍ଶାଯାଇଛି।

## ■ ଆକ୍ରମଣ ମାମଲାର ରାୟ ପ୍ରକାଶ

# ଦଣ୍ଡ ନୁହେଁ ନିରୀକ୍ଷଣରେ ରହିବେ ଅଭିଯୁକ୍ତ

ଢେଙ୍କାନାଳ, ୨୧।୪ (ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଆଙ୍କୁରଦା ଗ୍ରାମର ନିରୋଦ ସ୍ୱାଇଁଙ୍କ ଉପରେ ହୋଇଥିବା ଆକ୍ରମଣ ମାମଲାର ରାୟ ପ୍ରକାଶ ପାଇଛି। ଗଁଦିଆ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୌରଭ ସାଗର ପ୍ରଧାନ ଦୁଇ ଅଭିଯୁକ୍ତ ମୋହନ ଲେଙ୍କା ଏବଂ ରବି ଲେଙ୍କାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ପ୍ରୋବେସନ ଅଫ ଅଫେଣ୍ଡର୍ସ ଆକ୍ଟର ଦଫା ୩ ଅନୁସାରେ ସେମାନେ କୌଣସି ଦଣ୍ଡ ନଭୋଗୀ ଆଇନର କଡ଼ା ନିରୀକ୍ଷଣରେ ରହିବା ଲାଗି ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ଘଟଣାରୁ ଜଣାପଡ଼ିଛି ଯେ, ୨୦୧୫ ଫେବୃଆରୀ ୮ ତାରିଖରେ ଅଭିଯୋଗକାରୀ ନିରୋଦ ସ୍ୱାଇଁ ବାଙ୍ଗଲ ଗ୍ରାମରୁ ନିଜ ଘରକୁ ଫେରୁଥିବା ବେଳେ ଆଙ୍କୁରଦା ନିକଟରେ ଥିବା ଯାତ୍ରା ପଡ଼ିଆରେ ଉଭୟ ରବି ଲେଙ୍କା ଏବଂ ମୋହନ ଲେଙ୍କା ବାଉଁଶ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ସେ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଗଁଦିଆ ଥାନାରେ ଲିଖିତ ଅଭିଯୋଗ ପରେ ପିଏସ ୧୪/୧୫ରେ ମାମଲା ରୁଜୁ ହୋଇଥିଲା। ସେହିଦିନଠାରୁ ଏହି ମାମଲାଟି ଗଁଦିଆ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲରେ ବିଚରାଧୀନ ଥିଲା।

# ଅନୁଗୋଳ ବିଜେଡିର ୩ ଜଣଙ୍କୁ ନୂଆ ଦାୟିତ୍ୱ



ଅନୁଗୋଳ, ୨୧।୪(ସମିସ): ନିର୍ବାଚନ ପୂର୍ବରୁ ଜିଲ୍ଲା ବିଜେଡିର ମଙ୍ଗକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ତିନିଜଣ ଯୁବ ପ୍ରତିଭାଙ୍କୁ ନୂଆ ଦାୟିତ୍ୱ ଅର୍ପଣ କରିଛନ୍ତି। ଏଥିନେଇ ରାଜ୍ୟ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ପ୍ରେସ ବିଜ୍ଞପ୍ତି ଜାରି କରିଛନ୍ତି। ଅନୁଗୋଳର ଶିବାନୀଶଙ୍କର ଗୌଡ଼ଙ୍କୁ ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି, ଅନ୍ନଦା ସାହୁଙ୍କୁ ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ଏବଂ ତପସ୍ୱିନୀ ବିଶ୍ୱାଳଙ୍କୁ ବିଜୁ ମହିଳା ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦିକା ଭାବେ ନିଯୁକ୍ତି ଦିଆଯାଇଛି। ଏହାଦ୍ୱାରା ଜିଲ୍ଲାରେ ବିଜୁ ଜନତା ଦଳର ସଂଗଠନ ଅଧିକ ମଜଭୁତ ହେବ ଏବଂ ଆସନ୍ତା ନିର୍ବାଚନରେ ଦଳକୁ ଅଧିକ ବଳ ମିଳିବ ବୋଲି କୁହାଯାଉଛି। ଏଭଳି ସଂଗଠନ ଦାୟିତ୍ୱ ପାଇ ଶ୍ରୀ ଗୌଡ଼, ଶ୍ରୀ ସାହୁ ଏବଂ ଶ୍ରୀମତୀ ବିଶ୍ୱାଳ ରାଜ୍ୟ ମୁଖ୍ୟମନ୍ତ୍ରୀ ତଥା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ, ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ସାଧରଣ ସମ୍ପାଦକ ବିପ୍ଳବ ଜେନା, ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂହ ଏବଂ ଅନୁଗୋଳ ଜିଲ୍ଲା ସହ ପର୍ଯ୍ୟବେକ୍ଷକ ଚିନ୍ମୟ କୁମାର ସାହୁଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଗଳିତ ଶବ ଉଦ୍ଧାର; ତଦନ୍ତ ଜାରି

ସାତକୋଶିଆ, ୨୧।୪(ସମିସ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ହାତୀ ଗେଞ୍ଜି ଗ୍ରାମର ପ୍ରମୋଦ ସାହୁ( ୫୦) ଙ୍କ ଗଳିତ ଶବ ଉଦ୍ଧାର କରାଯାଇଛି। ଗତ ଶନିବାର ପ୍ରମୋଦ ସାହୁ ତାଙ୍କ ପୁଅର ପୁଅ ହୋଇଥିବା ଶୁଣି ଅନୁଗୋଳ ଡାକ୍ତରଖାନାକୁ ଯାଇ ନାତିକୁ ଦେଖି ନିଜ ଗ୍ରାମକୁ ଆସିଥିଲେ। ଗ୍ରାମରେ ନାତି ହୋଇଛି ବୋଲି ବିସ୍କୁଟ ବଣ୍ଟନ କରିଥିଲେ। କିଛି ସମୟପରେ ନିଜ ଗ୍ରାମର ଜୟବିଶ୍ୱାଳ ଫୋନ କରି ସେ ନୂତନ ଭାବେ କରୁଥିବା କୁକୁଡ଼ା ଫାର୍ମ ଦେଖିବା ପାଇଁ ଡାକିଥିଲେ। ସେ ସେଠାରେ କିଛି କାମ କରୁଥିବା ଲେବରଙ୍କ ସହ ମଦ୍ୟପାନ କରିଥିବା ଜଣାପଡୁଛି। ବିଶେଷ ସୂତରୁ ଜଣାପଡୁଛି କି, ପ୍ରମୋଦ ପ୍ରଧାନ ଲାଇନ କାମ କିଛି ଜାଣନ୍ତି ଏବଂ ସେ ବିଦ୍ୟୁତ ଖୁଣ୍ଟରେ ଚଢ଼ି କାମ କରୁଥିବା ବେଳେ କରେଣ୍ଟ ଲାଗି ପଡ଼ିଯାଇଛନ୍ତି। ସେଠାରେ ଥିବା ଜୟ ବିଶ୍ୱାଳ ଏବଂ କିଛି ଲେବର ସେଠୁ କିଛିବାଟ ଆଣି ପଳାଇ ଆସିଛନ୍ତି ବୋଲି ସନ୍ଦେହ କରଯାଉଛି। ପୁରୁଣାକୋଟ ପୁଲିସଏବଂ ଏସଡିପିଓ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନି କୁକୁର ଓ ସାଇଣ୍ଟିଫିକ ଟିମ ନେଇ ତଦନ୍ତ ଚଳାଇଥିବା ଜଣାଯାଇଛି।

# ୮୩ ଲିଟର ବିଦେଶୀ ମଦ ଜବତ

କଣିହାଁ, ୨୧।୪(ସମିସ): ରେଙ୍ଗାଳି ଥାନା ପୁଲିସ ବେଆଇନ ମଦ କାରବାରକୁ ନେଇ ରବିବାର ବଜ୍ରକୋଟ ଗ୍ରାମରେ ଚଢ଼ଉ କରିଥିଲା। ପ୍ରଶାନ୍ତ ସାହୁଙ୍କ ବ୍ୟବସାୟ ସ୍ଥଳରୁ ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ବୋତଲ ଜବତ କରାଯାଇଥିଲା । ଏହାବାଦ୍ ଦେଶୀ ମହୁଲି ମଦ ତିଆରି ପାଇଁ ରହିଥିବା ପୋଚ ଓ ପକ୍ରିୟା ଶୈଳୀକୁ ଭଙ୍ଗା ଯାଇଥିଲା । ଏହା ରେଙ୍ଗାଳି ଥାନା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ଏନେଇ ଆଇଆଇସି ଜୟନ୍ତ କୁମାର ମହାନ୍ତି କହିଥିଲେ ଯେ, ମଦ କାରବାରକୁ ନେଇ ଚଢ଼ଉ ହୋଇଥିଲା ଓ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ପ୍ରଶାନ୍ତ ଫେରାର୍ ହୋଇଯାଇଛି । ଏଥିରେ ଅନ୍ୟାନ୍ୟ ଲୋକଙ୍କ ସମ୍ପୃକ୍ତିକୁ ନେଇ ତଦନ୍ତ ଜାରି ରହିଛି ।

# ସାମ୍ବାଦିକଙ୍କ ଜେଜେବାପାଙ୍କ ଦେହାନ୍ତ

ତାଳଚେର, ୨୧।୪(ସମିସ): ତାଳଚେରର ସାମ୍ବାଦିକ ବିକାଶ ଚନ୍ଦ୍ର ସାହୁଙ୍କ ଜେଜେ ବାପା କୈଳାସ ଚନ୍ଦ୍ର ସାହୁ(୧୦୧)ଙ୍କ ଦେହାନ୍ତ ତାଙ୍କ ନତଡ଼ା ସ୍ଥିତ ବାସଭବନରେ ହୋଇଯାଇଛି। ତାଙ୍କ ବିୟୋଗରେ ପୁତ୍ର କୁଳମଣୀ ସାହୁ, ପୁତ୍ର ବଧୂ ସଂଯୁକ୍ତା ସାହୁ, ନାତି ନୀଳମଣି ସାହୁ, ଚିନ୍ତାମଣୀ ସାହୁ, ବିକାଶ ଚନ୍ଦ୍ର ସାହୁ, ନାତୁଣୀ ବୋହୂ ପ୍ରେମଲତା ସାହୁ, ସୁଜାତା ସାହୁ, ନାତୁଣୀ ସ୍ୱର୍ଣ୍ଣଲତା ସାହୁ, ନାତୁଣୀ ଜ୍ୱାଇଁ ଭାଗୀରଥି ବେହେରା, ପଣିନାତି ରିସୁ ସାହୁ, ସିଦ୍ଧି ସାହୁ, କାହ୍ନା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ଶେଷକୃତ୍ୟ ନତଡ଼ା ଗ୍ରାମ ଶ୍ମଶାନରେ ହୋଇଥିବା ବେଳେ ପୁତ୍ର କୁଳମଣି ସାହୁ ମୁଖାଗ୍ନି ଦେଇଥିଲେ।

# ଅସହ୍ୟ ଗୁଳୁଗୁଳି; କିଶୋରନଗରବାସୀ କଲବଲ

କିଶୋରନଗର, ୨୧।୪(ସମିସ): କିଶୋରନଗର ଅଞ୍ଚଳରେ ଏବେ ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ତାପମାତ୍ରା ୪୩ ଡିଗ୍ରୀରୁ ଅଧିକ ରହୁଛି। ଯାହାଫଳରେ ଗୁଳୁଗୁଳିରେ ଲୋକେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ଖରା ଏତେ ବଢ଼ିଯାଇଛି ଯେ, ଦିନବେଳା ଲୋକଙ୍କ ପକ୍ଷେ ଘରୁ ବାହାରିବା କଷ୍ଟ ସାଧ୍ୟ ହୋଇ ପଡୁଛି। ପ୍ରଶାସନ ପକ୍ଷରୁ ସାଧାରଣ ବାଟୋଇଙ୍କ ପାଇଁ ପିଇବା ପାଣି କିମ୍ବା ଜଳଛତ୍ରର ବ୍ୟବସ୍ଥା କରାଯାଇ ନଥିବାରୁ ଲୋକେ ତହକବିକଳ ହେଉଥିବା ଅଭିଯୋଗ ହେଉଛି। କିଶୋରନଗର ବ୍ଲକ ହେଡକ୍ୱାର୍ଟର ସମେତ ଅନେକ ପଞ୍ଚାୟତର ବିଭିନ୍ନ ଛକ ଜାଗା ଓ ଜନଗହଳି ସ୍ଥାନରେ ଜଳଛତ୍ର ଖୋଲି ସାଧାରଣ ଲୋକଙ୍କୁ ପିଇବା ପାଣିର ବ୍ୟବସ୍ଥା କରିବାକୁ ଦାବି ହେଉଛି।

# ଆମ୍ବେଦକର ଜୟନ୍ତୀ ପାଳିତ




ଅନୁଗୋଳ, ୨୧।୪(ସମିସ): ସମ୍ବିଧାନ ପ୍ରଣେତା ଡ଼.ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ୧୩୪ ତମ ଜୟନ୍ତୀ ଚଳିତ ମାସ ୧୪ତାରିଖରୁ ମାସବ୍ୟାପୀ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାଳନ ହେଉଛି। ଏହି ଅବସରରେ ତାଳଚେର ବ୍ଲକ ଅନ୍ତର୍ଗତ ଡ଼ଅଁରା ଆମ୍ବେଦକରବାଦ ଯୁବକ ସଂଘ ପକ୍ଷରୁ ଆଜି ଜୟନ୍ତୀ ସମାରୋହ ପାଳନ ଉତ୍ସବରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଆମ୍ବେଦକରଙ୍କ ବିଚାରଧାରକୁ ଆପଣେଇ ସାଧୁବାଦ ଜଣାଇଥିଲେ। ପାଠଶାଳାର ଛାତ୍ର ଛାତ୍ରୀ ଏବଂ ମହିଳାଙ୍କ ଦ୍ୱାରା ପୂର୍ବରୁ ଅନୁଷ୍ଠିତ କୁଇଜ, କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସେ ପୁରାସ୍କାର ବିତରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ କେନ୍ଦ୍ର ସମବାୟ ବ୍ୟାଙ୍କର ଅଧକ୍ଷ ସନ୍ତୋଷ ପ୍ରଧାନ, ଡ଼ଅଁରା ପଞ୍ଚାୟତ ସରପଞ୍ଚ ନନ୍ଦକିଶୋର ପ୍ରଧାନ, ସମିତି ସଭ୍ୟା ଅଶାନ୍ତି ପ୍ରଧାନ, ପୂର୍ବତନ ବ୍ଲକ ଉପାଧକ୍ଷ ଦିଲ୍ଲୀପ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଗୋପାଳ ଚନ୍ଦ୍ର ନାଏକ ପ୍ରମୁଖ ଯୋଗ ଦେଇଥିବା ବେଳ ଅନୁଗୋଳ ଆମ୍ବେଦକର ଫାଉଣ୍ଡେସନ ଅଧକ୍ଷ ଶତ୍ରୁଘନ ନାଏକ, ସମ୍ପାଦକ ପ୍ରଭାତ ବେହେରା, ଉତ୍କଳୀୟ ଆମ୍ବେଦକର ସଂଗଠନର ଧର୍ମେନ୍ଦ୍ର ନାଏକ, ତାଳଚେର ଦଳିତ ମହାସଂଘର( ସିଷ୍ଟା )ର ସମ୍ପାଦକ କୁଞ୍ଜ ବିହାରୀ ବେହେରା, ସମ୍ପାଦକ ଚତୁରାନନ୍ଦ ନାଏକ (ଲିଙ୍ଗରାଜ ଏରିଆ)ଅନ୍ନପୂର୍ଣ୍ଣା ଅନୁଷ୍ଠାନର ଅଧକ୍ଷ୍ୟା ମାଣିକ ପ୍ରଭା, ଦଳିତ ମହାସଂଘର ସମ୍ପାଦକ ମନୋଜ, ଅନୁଗୋଳ ଆମ୍ବେଦକର ଫାଉଣ୍ଡେସନର ପୂର୍ବତନ ସମ୍ପାଦକ ପ୍ରଦ୍ୟୁମ୍ନ ନାଏକ, ଲଳିତ ମୋହନ ବେହେରା, ଅକ୍ଷୟ ବେହେରା, ସାମ୍ବାଦିକ ବନମାଳୀ ନାଏକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଅରୂପାନନ୍ଦ ନାଏକ ବିବରଣୀ ପାଠ ସହିତ ସ୍ୱାଗତ ଅଭିଭାଷଣ ଓ ଅତିଥିପରିଚୟ ପ୍ରଦାନ କରିଥିଲେ। ଅଧକ୍ଷ ଧୀମାନ ବିକଳ ଚରଣ ନାଏକ ଅଧକ୍ଷତା କରିଥିଲେ। ପାଠଶାଳାର ଛାତ୍ରଛାତ୍ରୀମାନେ ସଂସ୍କୃତିକ କାର୍ଯ୍ୟକ୍ରମରେ ସଙ୍ଗୀତ, ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ■ ଚା' ଦୋକାନରେ ପୁଲିସର ଅତର୍କିତ ଚଢ଼ଉ

# ବିପୁଳ ଚୋରା ବିଦେଶୀ ମଦ ଜବତ; ବ୍ୟବସାୟୀ ଗିରଫ

ତାଳଚେର ସଦର, ୨୧।୪(ସମିସ): ତାଳଚେର ଶିଳ୍ପ ନଗରୀ ଅଞ୍ଚଳରେ ଚୋରା ମଦର ଅବାଧ କାରବାର ଏହା ଖୋଲା ଖୋଲି ଭାବେ ଚାଲିଥିବା ଦେଖିବାକୁ ମିଳୁଛି। କାରଣ ଏଠାରେ ଅବକାରୀ ବାବୁମାନଙ୍କ ସହିତ ମଦ ବେପାରୀଙ୍କ ଅସାଧୁ ମେଣ୍ଟ ଚୋରା ନିଶା ବେପାରକୁ ପ୍ରୋତ୍ସାହନ ଦେଇଥିବା ଅଭିଯୋଗ ହେଉଛି। ଯାହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସହରର ବିଭିନ୍ନ ଗଳି କନ୍ଦି, ହୋଟେଲ ଢାବା ଗୁଡ଼ିକରେ ମାତ୍ରାଧିକ ଚୋରା ମଦ ବେପାର ଚାଲିଥିବା ବେଳେ ଅବକାରୀ ବାବୁମାନେ ମାସିକିଆ ବଟି ନେଇ ବେଶ୍ ମାଲେମାଲ ହେଉଥିବା କୁହାଯାଉଛି। ଏପରିକି ଚା' ପାନ ଦୋକାନ ଗୁଡିକରେ ମଧ ଚୋରା ବିଦେଶୀ ମଦ ବେପାର ବେଶ୍ ସୁରୁଖୁରୁରେ ଚାଲିଛି। ତେବେ ତାଳଚେର ସଦର ପୁଲିସ ଚୋରା ମଦ ବେପାର ଉପରେ ଲଗାମ୍ ଲଗାଇବା ନେଇ କଠୋର ଆଭିମୁଖ୍ୟ ଗ୍ରହଣ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ତାଳଚେର ଲିଙ୍ଗରାଜ କୋଇଲା ଖଣି କୋଲ୍ କରିଡର୍ ଏମସିଏଲ୍ ଲୋକାଲ ପାର୍କିଂଠାରେ ଥିବା ଏକ ଚା ଦୋକାନରେ ଚୋରା ମଦ ବେପାର ପ୍ରଚୁର ମାତ୍ରାରେ ଚାଲୁଥିବା ଖବର ପାଇ ତାଳଚେର ସଦର ଥାନା ଅଧିକାରୀଙ୍କ ନିର୍ଦ୍ଦେଶରେ ପୁଲିସ ଟିମ୍ ଆଜି ଉକ୍ତ ଚା' ଦୋକାନ ଉପରେ ଅତର୍କିତ ଚଢ଼ଉ କରି ବ୍ୟାପକ ପରିମାଣର ଚୋରା ବିଦେଶୀ ମଦ ଜବତ କରିବା ସହିତ ଚା ଦୋକାନରେ ଦୀର୍ଘଦିନ ହେବ ଚୋରା ମଦ ବେପାର ଚଳାଇଥିବା ତାଳଚେର ଟାଉନ ବଉଳ ଛକ ଅଞ୍ଚଳର ରାକେଶ ବାଇ ନାମକ ମଦ ବେପାରୀକୁ ଗିରଫ କରିଥିବା ଜଣାପଡ଼ିଛି। ଏହାକୁ ନେଇ ଏବେ ଚୋରା ମଦ ବେପାରୀଙ୍କ ମଧ୍ୟରେ କୁକୁଆ ଭୟ ସୃଷ୍ଟି ହୋଇଛି।

# ହିଙ୍ଗୁଳା ସେକ୍ଟର ପୁରୁଣା ଟ୍ରକ୍ ମାଲିକ ସଂଘ ପକ୍ଷରୁ ଜେନେରେଟର ଓ ଅର୍ଥଦାନ



ତାଳଚେର, ୨୧।୪(ସମିସ): ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା ହିଙ୍ଗୁଳାଙ୍କ ଯାତ୍ରାର ଅବ୍ୟବହିତ ପୂର୍ବରୁ ହିଙ୍ଗୁଳା ସେକ୍ଟର ପୁରୁଣା ଟ୍ରକ ମାଲିକ ସଂଘ ପକ୍ଷରୁ ମନ୍ଦିର ପରିସରରେ ନିରବିଚ୍ଛିନ୍ନ ବିଦ୍ୟୁତ ଯୋଗାଣ ନିମନ୍ତେ ଏକ ନୂତନ ଜେନେରେଟର ପ୍ରଦାନ କରାଯାଇଛି। ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ତଥା ତାଳଚେର ଉପଜିଲ୍ଲାପାଳ ମନୋଜ କୁମାର ତ୍ରିପାଠୀ ଉପସ୍ଥିତ ରହି ମନ୍ଦିର ପରିସରରେ ଲାଗିଥିବା ନୂତନ ୮୩ କେଭିଏ ଜେନେରେଟରକୁ ଲୋକାର୍ପଣ କରିଥିଲେ। ଏହି ଅବସରରେ ହିଙ୍ଗୁଳା ସେକ୍ଟର ପୁରୁଣା ଟ୍ରକ ମାଲିକ ସଂଘ ପକ୍ଷରୁ ଏକୋଇଶି ଲକ୍ଷ ଚାଳିଶ ହଜାର ନଅଶହ ଟଙ୍କାର ଏକ ଚେକ୍ ମନ୍ଦିର ନିର୍ମାଣାର୍ଥେ ଉପଜିଲ୍ଲାପାଳ ଶ୍ରୀ ତ୍ରିପାଠୀଙ୍କୁ ପ୍ରଦାନ କରାଯାଇଥିଲା। ତାହା ସହିତ ନୂତନ ମନ୍ଦିର ନିର୍ମାଣ ନିମନ୍ତେ ଏକ ମିକ୍ସର ମେସିନ ଓ ଜେନେରେଟର ସେଡ୍ ମଧ ଟ୍ରକ ମାଲିକ ସଂଘ ପକ୍ଷରୁ ଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହିଙ୍ଗୁଳା ସେକ୍ଟର ପୁରୁଣା ଟ୍ରକ ମାଲିକ ସଂଘର ସଭାପତି ଜନାର୍ଦ୍ଦନ ମହାନ୍ତି, ସଂପାଦକ ଉଗ୍ରସେନ ପ୍ରଧାନଙ୍କ ସମେତ ଟ୍ରଷ୍ଟ ବୋର୍ଡ ସଦସ୍ୟ ଜଗନ୍ ମୋହନ ଗଡନାୟକ, ମୁରଲୀଧର ସାହୁ, ରାଜେନ୍ଦ୍ର ସିଂହ, ଅରୁଣ ପ୍ରଧାନ, ସନ୍ତୋଷ କୁମାର ପ୍ରଧାନ, ସଞ୍ଜୟ ସାହୁ, ଗଗନ ବିହାରୀ ସାହୁ ଓ ହିଙ୍ଗୁଳା କୋଇଲା ଖଣିର ପ୍ରକଳ୍ପ ଅଧିକାରୀ ଏସ.ଭି.ଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ। ଏଭଳି ବଦାନ୍ୟତା ପାଇଁ ଉପଜିଲ୍ଲାପାଳ ଶ୍ରୀ ତ୍ରିପାଠୀ ହିଙ୍ଗୁଳା ସେକ୍ଟର ପୁରୁଣା ଟ୍ରକ ମାଲିକ ସଂଘର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଦେବା ସହିତ ତାଳଚେର ଶିଳ୍ପାଞ୍ଚଳରେ କାର୍ଯ୍ୟରତ ସମସ୍ତ ଟ୍ରକ ମାଲକ ସଂଘ ମଧ ମା' ହିଙ୍ଗୁଳାଙ୍କ ମନ୍ଦିର ନିମନ୍ତେ ଯଥାସାଧ ସାହାଯ୍ୟ ସହଯୋଗ କରିବାକୁ ନିବେଦନ କରିଛନ୍ତି।

## ■ ଅନୁଗୋଳ ଜିଲ୍ଲା ବ୍ରାହ୍ମଣ ମହାସଂଘର ନୂତନ କର୍ମକର୍ତ୍ତା

# ବ୍ୟୋମକେଶ ସଭାପତି, ଆରତ ରଞ୍ଜନ ସମ୍ପାଦକ ମନୋନୀତ




ଅନୁଗୋଳ, ୨୧।୪(ସମିସ): ଅନୁଗୋଳ ଜିଲ୍ଲା ବ୍ରାହ୍ମଣ ମହାସଂଘର ତ୍ରୟୋଦଶ ଜିଲ୍ଲା ସମ୍ମିଳନୀ ଅନୁଗୋଳ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ଶଶାଙ୍କ ଶେଖର ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନୁଗୋଳ ଜିଲ୍ଲା ବ୍ରାହ୍ମଣ ମହାସଂଘ, ଓଡ଼ିଶା ବ୍ରାହ୍ମଣ ମହାସଂଘ ସହିତ ଅନୁବନ୍ଧିତ ହୋଇ ସରକାରୀ ସ୍ତରରେ ବ୍ରାହ୍ମଣ ନିଗମ ଗଠନ ତଥା ବ୍ରାହ୍ମଣ ମାନଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରିବା ନିମନ୍ତେ ଚେଷ୍ଟାକରିବା ପାଇଁ ମତ ପ୍ରକାଶ ପାଇଥିଲା। ଉକ୍ତସଭାରେ ପୂର୍ବତନ ଜିଲ୍ଲା କାର୍ଯ୍ୟକାରୀ କମିଟିକୁ ଭଙ୍ଗାଯାଇ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ନୂତନ ଭାବରେ ବ୍ୟୋମକେଶ ଶତପଥୀ ସଭାପତି, ବିଭୂତି ଭୂଷଣ ମହାପାତ୍ର କାର୍ଯ୍ୟକାରୀ ସଭାପତି, କୃଷ୍ଣଚନ୍ଦ୍ର ଆଶ୍ଚର୍ଯ୍ୟ, ଭବାନୀ ଶଙ୍କର ମିଶ୍ର, ଅଶୋକ କୁମାର ପାଣି ଓ ସୁଜିତ କୁମାର ନନ୍ଦ ଉପସଭାପତି, ଆରତ ରଞ୍ଜନ ଦାଶ ସମ୍ପାଦକ, ସୋମ୍ ପ୍ରସାଦ ଦାଶ ଓ ପବିତ୍ର ମୋହନ ଶତପଥୀ ଯୁଗ୍ମ ସମ୍ପାଦକ, ସନ୍ତୋଷ କୁମାର ମିଶ୍ର, ଅମୀୟ ରଞ୍ଜନ ମିଶ୍ର, ପୂର୍ଣ୍ଣଚନ୍ଦ୍ର ନନ୍ଦ ଓ ଚିଦାନନ୍ଦ ହୋତା ସଂଗଠନ ସମ୍ପାଦକ ନାରାୟଣ ପଣ୍ଡା କୋଷାଧକ୍ଷ, ରମେଶ କୁମାର ତ୍ରିପାଠୀ, ବିପିନ ବିହାରୀ ନାଥ, ଅଚ୍ୟୁତାନନ୍ଦ ଧର ଓ ଗୋପିନାଥ ତ୍ରିପାଠୀ କାର୍ଯ୍ୟକାରୀ ସଦସ୍ୟ, ସୁରେଶ କୁମାର ଶତପଥୀ ଅର୍ଥ ସମୀକ୍ଷକ, ଶଶାଙ୍କ ଶେଖର ପାଣି, ନୃସିଂହ ଚରଣ ମିଶ୍ର, ଜନାର୍ଦ୍ଦନ ମିଶ୍ର ଓ ପ୍ରଶାନ୍ତ କୁମାର ଦାଶ ଉପଦେଷ୍ଟା ଭାବରେ ମନୋନୀତ ହୋଇଥିଲେ।

# ଐତିହ୍ୟ ଓ ସ୍ମୃତିର ଗନ୍ତାଘର 'କଥାଚିତ୍ର ସିନେମା ହଲ୍'

ଢେଙ୍କାନାଳ, ୨୧।୪ (ସମିସ)




କାହିଁ କେଉଁ କାଳରୁ ବନ୍ଦ ହୋଇଗଲାଣି ସେଇ ସିନେମା ଘର। ମାତ୍ର ତା ନିବୁଜ ଛାତି ଭିତରେ ଏବେବି ଭରି ରହିଛି ଅସୁମାରୀ ଐତିହ୍ୟଭରା ସ୍ମୃତି। ଏହି ସବୁ ଐତିହ୍ୟର ସ୍ମୃତି ସାଉଁଟିବା ପାଇଁ ଢେଙ୍କାନାଳ ଐତିହ୍ୟ ପଦଯାତ୍ରା ସଦସ୍ୟ ସଦସ୍ୟାମାନେ ଆଜି ସକାଳୁ ପହଞ୍ଚିଥିଲେ ସହରର ଲକ୍ଷ୍ମୀ ବଜାର ଅଞ୍ଚଳରେ ଥିବା ଜିଲ୍ଲାର ସର୍ବପ୍ରାଚୀନ ସିନେମା ଘର କଥାଚିତ୍ର ଟକିଜ୍ ଠାରେ। ସଠାରେ ଐତିହ୍ୟ ପଦଯାତ୍ରୀଙ୍କୁ ସ୍ୱାଗତ କରି ପାଛୋଟି ନେଇଥିଲେ ସିନେମା ହଲ୍ର ସତ୍ତ୍ୱାଧିକାରୀ ମଦନ ମୋହନ ମିଶ୍ର, ତାଙ୍କ ଧର୍ମପତ୍ନୀ ତାରାମଣି ମିଶ୍ର ଓ ପୁତ୍ର ପର୍ଶୁରାମ ମିଶ୍ର। ସତୁରି ଦଶକର ମଧ ଭାଗରୁ ବନ୍ଦ ହୋଇଯାଇଥିବା ଏହି ପ୍ରେକ୍ଷାଳୟଟି ୧୯୩୭ ମସିହାରେ ପ୍ରଥମେ ଢେଙ୍କାନାଳ ସହରର ସ୍ୱର୍ଗତ ନାରାୟଣ ମିଶ୍ରଙ୍କ ଦ୍ୱାରା ଜବାହର ଚୌକଠାରେ ଏକ ଚାଳଛପର ଘରେ ଆରମ୍ଭ ହୋଇଥିଲା। ଏ କାର୍ଯ୍ୟରେ ତାଙ୍କୁ ସମସ୍ତ ସହଯୋଗ କରୁଥିଲେ ସାନଭାଇ ସ୍ୱର୍ଗତ ଦାମୋଦର ମିଶ୍ର। କିଛିବର୍ଷ ପରେ ସିନେମା ହଲ୍ଟି ନିଜର ସ୍ଥାୟୀ ସୁଦୃଶ୍ୟ ପ୍ରେକ୍ଷାଳୟକୁ ସ୍ଥାନାନ୍ତରିତ ହୋଇଥିଲା। ସେତେବେଳେ ଏହାଥିଲା ଓଡ଼ିଶାର ତୃତୀୟ ସିନେମା ହଲ୍। ଏଠାରେ ଲଣ୍ଡନରୁ ଅଣାଯାଇଥିବା ପ୍ରୋଜେକ୍ଟର୍, ଜେନେରେଟର ଓ ଅନ୍ୟାନ୍ୟ ସାମଗ୍ରୀଗୁଡିକ ଏବେ ମଧ ରହିଛି। ବ୍ରହ୍ମପୁର ଓ କଟକକୁ ଛାଡ଼ି ଦେଲେ ସମଗ୍ର ଗଡ଼ଜାତ ଅଞ୍ଚଳ ମଧ୍ୟରେ ଏହା ଥିଲା ପ୍ରଥମ ସିନେମା ଘର। ସେତେବେଳର ଆୟ ବ୍ୟୟ ବିବରଣୀଠାରୁ ଆରମ୍ଭ କରି ଟିକଟ ବହି, ସାଇକେଲ୍ ଟୋକନ୍, ରବର ଷ୍ଟାମ୍ପ, ସିନେମା ପୋଷ୍ଟର, କିଛି ସିନେମା ରିଲ୍ ଓ ବହୁ ଦୁର୍ଲଭ ପଦାର୍ଥକୁ ଏବେବି ଯତ୍ନର ସହ ସାଇତି ରଖିଛନ୍ତି ଶ୍ରୀ ମିଶ୍ରଙ୍କ ପରିବାର। ଏସବୁ ପୁରୁଣା ଜିନିଷ ଦେଖି ଭାବବିହ୍ୱଳ ହୋଇଥିଲେ ଐତିହ୍ୟ ପଦଯାତ୍ରୀମାନେ। ଆବାହକ ଅଧାପକ ସୁରେଶ ପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ପ୍ରଫେସର୍ ମୃଣାଳ ଚାଟାର୍ଜୀ, ବିଶ୍ୱରଞ୍ଜନ ଦେହୁରୀ, ପ୍ରସନ୍ନ ପଟ୍ଟନାୟକ, ବଦ୍ରୀ ନାରାୟଣ ଜେନା, ଡ.ମଳୟ ପତି, ସୁନୀତା ମହାପାତ୍ର, ନାରାୟଣ ପଟ୍ଟନାୟକ, ଲକ୍ଷ୍ମୀ ନାରାୟଣ ତ୍ରିପାଠୀ, ଆଦିତ୍ୟ ମିଶ୍ର, ପିୟୁଷ ଅଗ୍ରୱାଲ, ଅଞ୍ଜଳି ପଟ୍ଟନାୟକ ରମେଶ ପତି, ପ୍ରଶାନ୍ତ ତ୍ରିପାଠୀ, ସ୍ୱର୍ଣ୍ଣ ପ୍ରଭା ସେଠୀ ପ୍ରମୁଖ ଆଜିର ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ।

